

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 June 2024
Vol.No. 35 ■ No.153 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ମୋଦୀଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କଲେ ରାଷ୍ଟ୍ରପତି: ୯ରେ ଶପଥ ସମାରୋହ



ନୂଆଦିଲ୍ଲୀ, ୭/୬ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ନରେନ୍ଦ୍ର ମୋଦିଙ୍କୁ ଦେଶରେ ପରବର୍ତ୍ତୀ ସରକାର ଗଠନ କରିବାକୁ ନିମନ୍ତ୍ରଣ କରିଛନ୍ତି। ବିଜେପି ନେତୃତ୍ୱାଧୀନ ଏନଡିଏର ନେତା ନିର୍ବାଚିତ ହେବା ପରେ ଆଜି ମୋଦି ସନ୍ଧ୍ୟାରେ ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଥିଲେ। ଏହି ସମୟରେ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରିଛନ୍ତି। ଏହାପୂର୍ବରୁ ମୋଦି ଏନଡିଏର ନେତା ନିର୍ବାଚିତ ହୋଇଥିବା ନେଇ ଗୋଟିଏ ସମର୍ଥନପତ୍ର ରାଷ୍ଟ୍ରପତି ମ୍ୟାଡାମଙ୍କ ପାଖରେ ପହଞ୍ଚିଥିଲା। ଏହାକୁ ଦେଖିବା ପରେ ରାଷ୍ଟ୍ରପତି ସନ୍ଧ୍ୟାରେ ମୋଦିଙ୍କୁ ଡାକି ସରକାର ଗଠନ ପାଇଁ କହିଛନ୍ତି। ଆସନ୍ତା ୯ ତାରିଖ ଅର୍ଥାତ ରବିବାର ମୋଦି କ୍ରମାଗତ ତୃତୀୟଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ପଣ୍ଡିତ ଜବାହରଲାଲ ନେହରୁଙ୍କ ପରେ ମୋଦି ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବାର ଯୋଗ୍ୟତା ଅର୍ଜନ କରିବେ। ରାଷ୍ଟ୍ରପତିଙ୍କୁ ଭେଟିବା ପରେ ମୋଦି କହିଛନ୍ତି "ରାଷ୍ଟ୍ରପତି ମୋତେ ଏବେ ଡାକିଥିଲେ ଓ ମୋତେ ପରବର୍ତ୍ତୀ ସରକାର ଗଠନ ହେବା ଯାଏ କାମଚଳା ପ୍ରଧାନମନ୍ତ୍ରୀ ଭାବେ କାମ କରିବାକୁ କହିଛନ୍ତି। ସେ ମୋତେ ଶପଥ ସମାରୋହ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଆମେ ଜୁନ ୯ ତାରିଖ ସନ୍ଧ୍ୟାରେ ଶପଥପାଠ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ଥିବା ମୁଁ ତାଙ୍କୁ ଜଣାଇଛି। ଏବେ ରାଷ୍ଟ୍ରପତି ଭବନ ପକ୍ଷରୁ ବାକି କାମ କରାଯିବ। ଶପଥ ପାଠ କାର୍ଯ୍ୟକ୍ରମ ପ୍ରସ୍ତୁତି ମଧ୍ୟରେ

▶▶ପୃଷ୍ଠା ୭

## ଏନଡିଏ ବୈଠକରେ ଓଡ଼ିଶାକୁ ପ୍ରଶଂସା କଲେ ମୋଦି: ଦେଶର ବିକାଶ କ୍ଷେତ୍ରରେ ନେବ ପ୍ରମୁଖ ସ୍ଥାନ



ନୂଆଦିଲ୍ଲୀ, ୭/୬ : ଏନଡିଏର ନେତା ଭାବେ ନିର୍ବାଚିତ ହେବା ପରେ ସଂସଦୀୟ ଦଳ ବୈଠକରେ ଅଭିଭାଷଣ ରଖିଛନ୍ତି ନରେନ୍ଦ୍ର ମୋଦି। ଲୋକସଭା ନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ରଖିବା ସହ ଆଗାମୀ ଭିଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଓଡ଼ିଶା ଦେଶର ବିକାଶ କ୍ଷେତ୍ରରେ ପ୍ରମୁଖ ସ୍ଥାନ ନେବ ବୋଲି ମୋଦି କହିଛନ୍ତି। ଅଭିଭାଷଣରେ ମୋଦି କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଗରିବଙ୍କ ଦେବତା। ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ। ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ ଇଞ୍ଜିନରେ ଓଡ଼ିଶା ପ୍ରମୁଖ ସ୍ଥାନ ନେବ। ଓଡ଼ିଶା ଦେଶର ବିକଶିତ ଇଞ୍ଜିନ ହେବ ବୋଲି ମୋଦି କହିଛନ୍ତି। ବହୁମତ ପରେ ଆଜି ଏନ୍‌ଡିଏ

▶▶ପୃଷ୍ଠା ୭

## ରାହୁଲଙ୍କୁ କାଠଗଡ଼ାକୁ ଟାଣିଥିଲା ବିଜେପି: ମିଳିଲା ଜାମିନ



ନୂଆଦିଲ୍ଲୀ, ୭/୬ : ରାହୁଲ ଗାନ୍ଧିଙ୍କୁ ମିଳିଲା ଆଶ୍ୱସ୍ତି । କର୍ଣ୍ଣାଟକା ବିଜେପି ପକ୍ଷରୁ ରାହୁଲଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ତାଙ୍କୁ ଜାମିନ ମିଳିଛି। ବାଙ୍ଗାଲୁରୁ କୋର୍ଟ ରାହୁଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ଗଣମାଧ୍ୟମରେ ପ୍ରଦର୍ଶିତ ବିଜ୍ଞାପନରେ ବିଜେପି ଦୁର୍ନୀତିରେ ଲିପ୍ତ ଥିବା ଦର୍ଶାଯାଇଥିଲା। ଏପରିକି ନିଜ ଶାସନ କାଳ ସମୟରେ ୨୦୧୯ରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଜେପି ରାଜ୍ୟରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା କୁହାଯାଇଥିଲା। ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମନ୍ତେ

▶▶ପୃଷ୍ଠା ୭

## ୬ ମାସ ଛୁଟିରେ ଗଲେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା



ଭୁବନେଶ୍ୱର, ୭/୬ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନ ପୂର୍ବରୁ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନଙ୍କ ଆଇଏଏସ୍ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଛୁଟିରେ ପଳାଇଛନ୍ତି । ପିଲାର ଯତ୍ନ ନେବା ଆଳ ଦେଖାଇ ସେ ୬ମାସ ଛୁଟିରେ ଯାଇଛନ୍ତି । ଦୀର୍ଘ ୨୪ବର୍ଷର କ୍ଷମତାସୀନ ବିଜେଡିକୁ ଝଟକା ଦେଇ ବିଜେପି ଚଳିତ ନିର୍ବାଚନରେ ରାଜ୍ୟରେ ବିପୁଳ ବିଜୟ ହାସଲ କରିବା ଏବେ ପାଣ୍ଡିଆନଙ୍କୁ ମହଙ୍ଗା ପଡ଼ିଛି। ସାଧାରଣ ପ୍ରଶାସନ ବିଭାଗର ଅଫିସ୍ ଅର୍ଡର ଅନୁସାରେ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତ କାର୍ତ୍ତିକେୟନ ମେ' ୩୧ତାରିଖରୁ ନଭେମ୍ବର ୨୬ତାରିଖ ପର୍ଯ୍ୟନ୍ତ ଛୁଟିରେ ପଳାଇଛନ୍ତି । ତାଙ୍କ ଝିଅ ଦଶମ ପରୀକ୍ଷା ଦେବାକୁ ଥିବାରୁ ତା'ର ଯତ୍ନ ନେବା ପାଇଁ ସୁଜାତା ଛୁଟି ନେଇଥିବା ଦର୍ଶାଇଛନ୍ତି । ସର୍ବଭାରତୀୟ ପ୍ରଶାସନିକ ସେବା ରୁଲସ୍-୧୯୫୫ର ରୁଲ (୧୮-ଘ)ରେ ଥିବା ପ୍ରାବଧାନ ଅନୁସାରେ ସୁଜାତାଙ୍କୁ ଏହି ଛୁଟି ମଞ୍ଜୁର ହୋଇଥିବା ସାଧାରଣ ପ୍ରଶାସନ ବିଭାଗ ଦର୍ଶାଇଛି ।

▶▶ପୃଷ୍ଠା ୭

## ଜନତା ମଇଦାନରେ ଶପଥଗ୍ରହଣ ପାଇଁ ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର, ୭/୬ (ନି.ପ୍ର): ଜୁନ ୧୦ ତାରିଖରେ ବିଜେପିର ମୁଖ୍ୟମନ୍ତ୍ରୀ ଶପଥ ନେବେ, ସେଥିପାଇଁ ବ୍ରହ୍ମପୁର ନିର୍ବାଚନୀ ସଭାରେ ଲୋକଙ୍କୁ ଆଗୁଆ ନିମନ୍ତ୍ରଣ ଜଣାଇଥିଲେ ମୋଦୀ । ପ୍ରଧାନମନ୍ତ୍ରୀଙ୍କ ଆକଳନ ଅନୁସାରେ ନିର୍ବାଚନ ଫଳାଫଳ ଆସିବା ପରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ବ୍ୟାପକ ଆକାରରେ କରିବା ପାଇଁ ଚାଲିଛି ବଡ଼ ଆୟୋଜନ । ଦେଶର ବଡ଼ ବଡ଼ ନେତାଙ୍କ ସହ ହଜାର ହଜାର ସମର୍ଥକ ଏହି ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ । ବିଶାଳ ଉତ୍ସବ ପାଇଁ ସଜେଇ ହେଉଛି ଭୁବନେଶ୍ୱରର ଜନତା ମଇଦାନ । ଏହି ଉତ୍ସବରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ଅନେକ କେନ୍ଦ୍ରୀୟ ନେତା । ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏହି ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ନଜରରେ ରଖି ଏସ୍ପିଜି ଟିମ୍, ଓଡ଼ିଶା ପୁଲିସ ଓ ପ୍ରଶାସନିକ ଅଧିକାରୀ ଉତ୍ସବ ସ୍ଥଳର ଯାଂଚ କରିଛନ୍ତି । ରାଜ୍ୟ ବିଜେପି ନେତା ମଧ୍ୟ ଆୟୋଜନର ତଦାରଖ କରିଛନ୍ତି । ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ, ଏ ନେଇ କଳ୍ପନା ଜଳ୍ପନା ଜାରି ରହିଛି । ମୁଖ୍ୟମନ୍ତ୍ରୀ ରେସ୍ରେ ଅନେକ ନେତାଙ୍କ ନାଁ ଚର୍ଚ୍ଚା ହେଉଛି । ଆସନ୍ତାକାଲି ବିଜେପି ବିଧାୟକ ଦଳର ବୈଠକ ବସିବାର ଅଛି । ଏହି ବୈଠକରେ ବିଧାୟକ ଦଳର ନେତା ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଅନେକ ନବ ନିର୍ବାଚିତ ବିଧାୟକ ଓ ସାଂସଦ, ଦିଲ୍ଲୀ ଯାଇଛନ୍ତି । ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ, ଏ ନେଇ ଶୀର୍ଷ ନେତୃତ୍ୱଙ୍କ ସବୁଜ ସଂକେତକୁ ଅପେକ୍ଷା କରାଯାଇଛି। ସାରା ରାଜ୍ୟର ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି, କାହାକୁ ମୁଖ୍ୟମନ୍ତ୍ରୀ ଚୟନ କରିବ ବିଜେପି, ତାହା ଉପରେ ରହିଛି ସମସ୍ତଙ୍କ ନଜର ।

## ପ୍ରଶାନ୍ତ ଜଗଦେବଙ୍କୁ ମିଳିଲା ଜାମିନ୍



ଭୁବନେଶ୍ୱର, ୭/୬ (ନି.ପ୍ର): ପ୍ରଶାନ୍ତ ଜଗଦେବଙ୍କୁ ମିଳିଲା ଅନ୍ତରୀଣ ଜାମିନ୍। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରା ଜଜ ତାଙ୍କୁ ତିନିଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଦୁଇ ଜଣ ଜାମିନଦାର ଓ ପଚାଶ ହଜାର ଟଙ୍କା ଲେଖାଏଁ ବେଲ ବଣ୍ଡରେ ତାଙ୍କୁ ଜାମିନ ଦେଇଛନ୍ତି କୋର୍ଟ। ଆସନ୍ତା ୯, ୧୦ ଓ ୧୧ ତାରିଖ ତିନିଦିନ ପାଇଁ ତାଙ୍କୁ କୋର୍ଟ ଜାମିନ୍ ଦେଇଛନ୍ତି। ସେ ନୂତନ ସରକାରରେ ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବେ। ସେଥିପାଇଁ ତାଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିବା ପ୍ରଶାନ୍ତଙ୍କ ଓକିଲ ପ୍ରଭାତ କୁମାର ଦାଶ କହିଛନ୍ତି। ଚଳିତ ନିର୍ବାଚନରେ ପ୍ରଶାନ୍ତ ଜଗଦେବ ଖୋର୍ଦ୍ଧା ବିଧାନସଭାରୁ ବିଜେପିରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ଦିନ ସେ ବୋଲଗଡ ବ୍ଲକ୍ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌କୁ ଭୋଟ୍ ଦେବା ପାଇଁ ଆସିଥିଲେ। ସେଠାରେ ସେ ଇଭିଏମ୍ ଭାଙ୍ଗିଥିବା ଅଭିଯୋଗ ହୋଇଥିଲା। ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ କ୍ରମେ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ପୁଲିସ୍ ତାଙ୍କୁ ଚାଲାଣ କରିଦେଇଥିଲା। ଜେଲ୍‌ରେ ଥିବା ସମୟରେ ଶ୍ରୀ ଜଗଦେବ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ସେପଟେ ମଙ୍ଗଳବାର ହୋଇଥିବା ଭୋଟ୍ ଗଣତିରେ ଖୋର୍ଦ୍ଧା ବିଧାନସଭାରୁ ପ୍ରଶାନ୍ତ ଜଗଦେବ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

## ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ନକ୍ସଲ ସଫା



ଛତିଶଗଡ଼, ୭/୬ : ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଏଠାରେ ଚାଲିଥିବା ଏନକାଉଣ୍ଟରେ ୫ ଜଣ ନକ୍ସଲ ନିହତ ହୋଇଛନ୍ତି। ସେହିପରି ନକ୍ସଲଙ୍କ ସହ ଲଢ଼େଇ କରିବା ପରେ ୩ ଜଣ ଯବାନ ଆହତ ହୋଇଛନ୍ତି। ଓରଛା ଅଞ୍ଚଳରେ ଥିବା ଗୋବାଲ ଗାଁ ନିକଟରେ ଥିବା ଗୋଟିଏ ଜଙ୍ଗଲରେ ନକ୍ସଲ ବିରୋଧୀ ଅପରେସନ ବେଳେ ଏପରି ଗୁଳିବିନିମୟ ହୋଇଥିବା ପୁଲିସ୍ କହିଛି। ଆଜି ନାରାୟଣପୁର, କୋଣ୍ଡାଗାଁ, ଦାନ୍ତେୱାଡା ଓ ବସ୍ତର ଜିଲ୍ଲାର ଡିଆରଜି ଯବାନ ଓ ଆଇଟିବିପିର ଯବାନମାନେ

▶▶ପୃଷ୍ଠା ୭

## ବଜ୍ରାଘାତରେ ୫ ମୃତ, ୪ ଗୁରୁତର

ଭୁବନେଶ୍ୱର, ୭/୬ (ନି.ପ୍ର): ରାଜ୍ୟରେ ଆଜି ପୃଥକ ପୃଥକ ସ୍ଥାନରେ ବଜ୍ରାଘାତରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ କୁଇଲିପାଳ ଗାଁରେ ବଜ୍ରାଘାତରେ ଖୁଦୁରା ନାଏକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଝିଅଙ୍କର ମୃତ୍ୟୁ ଘଟିଛି। ସେହିପରି ଢେଙ୍କାନାଳ ଜିଲ୍ଲା କାମାଖ୍ୟାନଗରର ବାଘୁଆ ଗାଁରେ ବଜ୍ରପାତରେ ଜଣେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ମହିଳା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତିହୋଇଛନ୍ତି। ନୂଆପଡ଼ାଜିଲ୍ଲା ଖଡ଼ିଆଳରେ କିରିକିଟା ଗାଁରେ ଜଣେ ବୃଦ୍ଧ ମୃତ, ଆଉ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଗୌଡ଼ପାଟଣା ଗାଁରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେହିପରି ଗଣିଆ ଥାନା କେନ୍ଦୁପଲ୍ଲୀ ଗାଁରେ ବଜ୍ରାଘାତ ୪ରି ବଖରା ଘର ଜଳିଯାଇଛି।

## କେନ୍ଦ୍ରରେ ମନ୍ତ୍ରୀମଣ୍ଡଳ କସରତ: ସହଯୋଗୀଙ୍କ ପାଇଁ ବିଜେପି ଟାଣିଲା ଲକ୍ଷ୍ମଣରେଖା



ନୂଆଦିଲ୍ଲୀ, ୭/୬ : ସହଯୋଗୀଙ୍କ ପାଇଁ ଲକ୍ଷ୍ମଣ ରେଖା ଟାଣିଲା ବିଜେପି । ୯ ତାରିଖରେ ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ତୃତୀୟପାଳି ସରକାରରେ ଟିଡିପି ଏବଂ ଜେଡିୟୁ ଭଳି ସହଯୋଗୀ ଦଳ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି । ଏପରି ସ୍ଥିତିରେ ଦୁଇ ପ୍ରମୁଖ ଦଳ ବଡ ବଡ ମନ୍ତ୍ରାଳୟ ପାଇଁ ଦାବି କରୁଥିବା କୁହାଯାଉଛି । କିନ୍ତୁ ବିଜେପି ପ୍ରମୁଖ ମନ୍ତ୍ରାଳୟକୁ ନିଜ ପାଖରେ ରଖିବାକୁ ନିଷ୍ପତି ନେଇଥିବା ଜଣାପଡିଛି । ବିଜେପି ଏକାକୀ ୨୪୦ ଆସନ ଜିତିଥିବା ବେଳେ ସହଯୋଗୀ ୪୦ଟି ଆସନରେ ବିଜୟୀ ହୋଇଛନ୍ତି । ଯେଉଁଥିରେ ଟିଡିପି ୧୬ଟି ଓ ଜେଡିୟୁ ୧୨ଟି ଆସନ ଜିତିଛି । ପ୍ରାଥମିକ ଆଲୋଚନା ଆଧାରରେ ସହଯୋଗୀ ଦଳମାନେ ପ୍ରତି ୪ ଜଣ ସାଂସଦଙ୍କ ପାଇଁ ଜଣେ ମନ୍ତ୍ରୀ ଦାବି କରୁଛନ୍ତି । ଏହି ଆଧାରରେ ଟିଡିପି ୪ ଜଣ କ୍ୟାବିନେଟ ପଦ ଚାହୁଁଥିବା ବେଳେ ଜେଡିୟୁ ୩ ଜଣ ମନ୍ତ୍ରୀ ପାଇଁ ଚାପ ପକାଉଛି । ଏହାବ୍ୟତୀତ ଏକନାଥ ସିନ୍ଦେଙ୍କ ଶିବସେନା ୭ଟି ଆସନ ସହ ଏବଂ ଚିରାଗ ପାସୱାନଙ୍କ ଏଲଜେପି ୫ଟି ଲେଖାଏଁ ଆସନ ଜିତିଛନ୍ତି । ପୂର୍ବ ଦୁଇଟି ସରକାରରେ ବିଜେପି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ।

▶▶ପୃଷ୍ଠା ୭

## ଲଗାତାର ଅଷ୍ଟମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ




ନୂଆଦିଲ୍ଲୀ, ୭/୬ : ଏଥର ବି ରେପୋ ରେଟରେ କୌଣସି ପରିବର୍ତ୍ତନ କରିନି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ। ଅଷ୍ଟମ ଥର ପାଇଁ ରେପୋ ରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରହିଛି। ଜଇଓ ଆଜି ଏହାର ମୁଦ୍ରା ନୀତି ଘୋଷଣା କରିଛି। ରେପୋ ରେଟରେ କୌଣସି ପରିବର୍ତ୍ତନ କରାଯାଇନଥିବା ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ସେଣ୍ଟ୍ରାଲ୍ ବ୍ୟାଙ୍କ୍ ମନିଟାରୀ ପଲିସି କମିଟିର ଛଅ ଜଣିଆ ସଦସ୍ୟକୁ ନେଇ ବୈଠକ ବସିଥିଲା। ଏଥିରେ ଗଚଉ ସଦସ୍ୟମାନଙ୍କ ମଧ୍ୟରୁ ଚାରି ଜଣ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବା ଉପରେ ଭୋଟ୍ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ରେପୋ ରେଟ୍ ଅପରିବର୍ତ୍ତିତ ରଖାଯାଇଥିବା ଜଇଓ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ଜଇଓର ଏହି ଘୋଷଣା ପରେ ଭାରତୀୟ ଶେୟାର ମାର୍କେଟ ସ୍ଥିର ରହିଛି। ୭୫,୬୧୮ ପଏଣ୍ଟ ସହ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ୦.୭୨ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୦.୭୪ ପ୍ରତିଶତ ବୃଦ୍ଧି ହୋଇ ୨୨,୯୯୧ ପଏଣ୍ଟରେ ପହଞ୍ଚିଛି। ଗତ ବର୍ଷ ଫେବୃଆରୀରେ ଶେଷ ଥର ପାଇଁ ରେପୋ ରେଟ୍ ପରିବର୍ତ୍ତନ ହୋଇଥିଲା।

# ବିଷ ବଳୟରେ ତାଳଚେର ଅଞ୍ଚଳ: ଅଣନିଃଶ୍ୱାସୀ କରୁଛି ବାୟୁ ପ୍ରଦୂଷଣ

## କୋଇଲା ପୋଡ଼ିବାରୁ ଉତ୍ତାପ ବୃଦ୍ଧି, ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କା



ତାଳଚେର, ୭/୬ (ନି.ପ୍ର): ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ତାଳଚେର ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଥିଲେ ବି ଏହାର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ସହରାଞ୍ଚଳରେ ନିର୍ମଳ ବାୟୁ ଟିକେ ଦୁର୍ଲଭ ହେଲାଣି। କେବଳ ତାଳଚେର ଖଣି ଅଞ୍ଚଳ ବା ସହର ନୁହେଁ; ତାଳଚେର ଉପଖଣ୍ଡ ଅଞ୍ଚଳରେ ପ୍ରଦୂଷଣ ମାରାତ୍ମକ ସ୍ତରରେ ପହଞ୍ଚିଲାଣି। ତାଳଚେର ଖଣି ଓ ସହରାଞ୍ଚଳରେ ଲୋକେ ସ୍ୱାଭାବିକ ଭାବେ ଶ୍ୱାସକ୍ରିୟା କରିବା କଷ୍ଟକର ହେଲାଣି। ୨୦୨୨ ମସିହା ନଭେମ୍ବର ମାସରେ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି, ଗତ କିଛିବର୍ଷ ହେଲା ରାଜଧାନୀ ଦିଲ୍ଲୀ ସମେତ ଓଡ଼ିଶାର ଅନେକ ସହରରେ ବାୟୁ ପ୍ରଦୂଷଣ ବଢ଼ି ଚାଲିଛି। ଓଡ଼ିଶାର ସହରାଞ୍ଚଳମାନଙ୍କରେ ଗାଡ଼ି ଚଳାଚଳ, ଶିଳ୍ପ କାରଖାନା, କୋଠାବାଡ଼ି ନିର୍ମାଣ କାର୍ଯ୍ୟ, କଠିନ ବର୍ଜ୍ୟବସ୍ତୁ ପୋଡ଼ିବା ଯୋଗୁଁ ପ୍ରଦୂଷଣ ମାତ୍ରା ବୃଦ୍ଧିପାଉଛି। ଭୁବନେଶ୍ୱର, କଟକ, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଉରକେଲା ଓ କଳିଙ୍ଗନଗର ଆଦି ୭ଟି ସହରରେ ପ୍ରଦୂଷଣ ମାତ୍ରା ଅତ୍ୟଧିକ ରହିଥିଲା। ସାଧାରଣତଃ ବାୟୁରେ ୧୦ ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷଣ ଦ୍ରବ୍ୟ ରହିବା କଥା। ମାତ୍ର ତାଳଚେର ସହରାଞ୍ଚଳରେ ଏହାର ମାତ୍ରା ଯଥେଷ୍ଟ ଅଧିକ। ବାୟୁରେ ଧୂଳିକଣା, ପ୍ରଦୂଷଣ ଦ୍ରବ୍ୟ ୪୫ ପ୍ରତିଶତ ଉପରେ ରହୁଛି। ଚଳିତ ବର୍ଷ ଜାନୁଆରି ମାସରେ ରାଜ୍ୟର ଅନୁଗୁଳ, ବାଲେଶ୍ୱର, କଟକ, ଭୁବନେଶ୍ୱର, କେନ୍ଦୁଝର, ତାଳଚେର, ବାରିପଦା, ରାଇରଙ୍ଗପୁରର ବାୟୁ ପ୍ରଦୂଷଣ ସାଂଘାତିକ ସ୍ତରରେ ପହଞ୍ଚିଥିବା ନେଇ ସିପିସିବି ପକ୍ଷରୁ ରିପୋର୍ଟ ଦିଆଯାଇଥିଲା। ଏପରିକି ତାଳଚେର ସହରବାସୀ ଶ୍ୱାସକ୍ରିୟାରେ ଯେତିକି ଅମ୍ଳଜାନ ନେଉ ନାହାନ୍ତି ତା'ଠାରୁ ଅଧିକ ସଲ୍‌ଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଓ ବିଷାକ୍ତ ଧୂଳିକଣାକୁ ଶରୀର ଭିତରକୁ ନେଉଛନ୍ତି। ଫଳରେ ହୃଦ୍‌ଘାତ, ଶ୍ୱାସକ୍ରିୟା ଜନିତ ରୋଗ, ଫୁସ୍‌ଫୁସ୍ କର୍କଟ, ଯକ୍ଷ୍ମା, ଆଜ୍‌ମା ପରି ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ତାଳଚେର ଅଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ଚଳିତ ବର୍ଷ ସର୍ବାଧିକ ୨୯୪ ଏବଂ ସର୍ବନିମ୍ନ ୧୨୦ ରହିଛି। ଏହା ୧୦୦ ମଧ୍ୟରେ ରହିବା କଥା। କିନ୍ତୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲେ ବି ପ୍ରଦୂଷଣ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉ ନଥିବା ଜଣାପଡ଼ିଛି। ତାଳଚେର ଖଣି ଅଞ୍ଚଳରେ ରହିଥିବା କୋଲ କରିଡର ରାସ୍ତାରେ ଯେଉଁ ପରିମାଣରେ ପାଣି ଛିଞ୍ଚାହେବା କଥା, ତାହା ହୋଇପାରୁନାହିଁ। ତାଳଚେର ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ମଧ୍ୟ ଜଳ ସିଞ୍ଚନ କରାଯାଉନାହିଁ। ଖଣିରୁ ପ୍ରତିଦିନ କୋଇଲା ଧରି ହଜାର ହଜାର ଟ୍ରକ୍ ଚାଲୁଥିବାରୁ ଧୂଳି, ଧୂଆଁରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ତାଳଚେର ଅଞ୍ଚଳର କୋଇଲା ଖଣି କୋଇଲା ଗଦାମାନଙ୍କରେ ନିଆଁ ଲାଗୁଛି। ଏହି ନିଆଁ ବାୟୁ ମଣ୍ଡଳକୁ ଉତ୍ତପ୍ତ କରିବା ସହିତ ସେଥିରୁ ନିର୍ଗତ ଧୂଆଁ ଜନସାଧାରଣଙ୍କୁ ଅଣନିଃଶ୍ୱାସୀ କରି ପକାଉଛି। ସନ୍ଧ୍ୟା ସମୟରେ କୋଇଲା ଗୁଣ୍ଡ ଓ ଧୂଳି ଧୂଆଁ ଯୋଗୁଁ ଅଞ୍ଚଳରେ ଧଳା ଆସ୍ତରଣ ଜମିଯାଉଛି। ଏଥିଯୋଗୁଁ ଲୋକଙ୍କ ମୁଣ୍ଡ ବିନ୍ଧିବା, ଆଖି ପୋଡ଼ିବା ଭଳି ସମସ୍ୟା ଦେଖାଯାଉଛି। ଏହାର ପ୍ରତିକାର ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ ବୋଲି ପରିବେଶବିତ୍ ବାଉରୀ ବନ୍ଧୁ ବେଜ କହିଛନ୍ତି।

# ପିଇବା ପାଣି ପାଇବାରୁ ବଞ୍ଚିତ ୧୫୦ରୁ ଊର୍ଦ୍ଧ୍ୱ ପରିବାର

ଘୁ.ଉଦୟଗିରି, ୭/୬ (ନି.ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମ ପଞ୍ଚାୟତର ଡୁଗୁଡ଼ିପାରି (ବୁଡାକାମା) ନିକଟରେ ଥିବା ପମ୍ପ ହାଉସରେ ବଜ୍ରପାତ ଯୋଗୁଁ ଜଳ ଯୋଗାଣ ମଟରଟି ପୋଡ଼ି ଯାଇଛି। ଫଳରେ ଆଜକୁ ୫ ଦିନ ହେଲା କଳିଙ୍ଗା ପଞ୍ଚାୟତର ୱାର୍ଡ ନଂ୪, ୫, ୬ ଏବଂ ୭ର ବିଭିନ୍ନ ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି। ବର୍ତ୍ତମାନ ରସେଡିସାହି, ଜାଣିକୁଟି, ମାଦିସାହି, ଗେଟ୍ ସାହି, କଳିଙ୍ଗା ଛକ, ବଙ୍ଗଳାସାହିର ୧୫୦ରୁ ଊର୍ଦ୍ଧ୍ୱ ପରିବାର ପାଣି ନପାଇ ବହୁତ୍ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ସାଧାରଣ ଲୋକଙ୍କ ପାନୀୟ ଜଳ ଯୋଗାଣ ନିମନ୍ତେ ସୁବନ୍ଦୋବସ୍ତ କରିଛନ୍ତି। ହେଲେ ଏହାର ମରାମତି ଏବଂ ତଦାରଖ ଭୁଲି ଯାଇଛନ୍ତି। ଦୀର୍ଘ ଦିନ ଜଳଯୋଗାଣ ବନ୍ଦ ରହିଲେ ଲୋକ ଚଳିବେ କେମିତି ସେଥି ପ୍ରତି ବିଭାଗୀୟ ଅଧିକାରୀଙ୍କ ଚିନ୍ତା ନାହିଁ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆନଯିବା ପରିତାପର ବିଷୟ। ଯଥାଶୀଘ୍ର ଏହି ଗ୍ରାମର ଜଳ ସମସ୍ୟାର ସମାଧାନ କରିବା ନିମନ୍ତେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# କାଳବୈଶାଖୀର ପ୍ରବଳ ବର୍ଷା: ବାଲିସାଗର ପାର୍ଶ୍ୱରେ ଥିବା ୨୦ ଘର ପାଣିରେ ବୁଡ଼ିଲା

ମାଲକାନଗିରି, ୭/୬ (ନି.ପ୍ର): ମାଲକାନଗିରିସ୍ଥିତ ବାଲିସାଗରକୁ ଏବେ ଉନ୍ନତିକରଣ କରାଯାଉଛି। କୋଟିଂକୋଟି ଟଂକା ବ୍ୟୟରେ ଏହି ବାଲି ସାଗରକୁ ପୁନଃ ମରାମତି ସହ ଏହାର ଉନ୍ନତୀକରଣ କରାଯାଉଥିବା ବେଳେ ସାଗର ପାର୍ଶ୍ୱରେ ଥିବା ଘରଗୁଡିକ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସାଗରର ହୁଡ଼ାଗୁଡିକ ବହୁ ଉଚ୍ଚା ହୋଇଥିବା ବେଳେ ପାର୍ଶ୍ୱରେ ଥିବା ଘରଗୁଡିକ ପ୍ରାୟ ୨୦ ଫୁଟ ତଳେ ରହିଛି। କାଳବୈଶାଖୀ ବର୍ଷା ହେବା ଯୋଗୁଁ ଏହି ତଳିଆ ଲୋକେ ବହୁ ହଇରାଣ ହୋଇଛନ୍ତି। ବର୍ଷାର ପାଣି ନିଷ୍କାସନ ହୋଇନପାରି ଏହି ଘରଗୁଡିକରେ ଭର୍ତ୍ତି ହୋଇଯାଇଥିଲା। ଯାହାଫଳରେ ଘରର ସମସ୍ତ ଆସବାବପତ୍ର ଏବଂ ଦୈନନ୍ଦିନ ସାମଗ୍ରୀ ପାଣିରେ ଭିଜେ ନଷ୍ଟ ହୋଇଥିଲା।ଏପରିକି ଘରେ ରହିବା ପାଇଁ ମଧ୍ୟ କୌଣସି ଜାଗା ରହିଲା ନାହିଁ। ଛୋଟଛୋଟ ପିଲାମାନଙ୍କୁ ନେଇ ପରିବାର ଲୋକେ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ତେବେ ଏନେଇ ପୂର୍ବରୁ ଜିଲ୍ଲାପାଳଙ୍କ ସହ ଆଲୋଚନା ସରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ, ଯଦ୍ୱାରା ଲୋକେ ଆଗକୁ ଆହୁରି ହଇରାଣ ହେବେ ବୋଲି କୁହାଯାଉଛି। ଆଗକୁ ବର୍ଷା ଦିନ ଦିନ ଧରି ଲାଗି ରହିବ। ତେଣୁ ଏମାନଙ୍କ ଘର ମଧ୍ୟ ସଂପୂର୍ଣ୍ଣ ପାଣିରେ ବୁଡ଼ି ରହିବ। ତେଣୁ ଏବେ ଠାରୁ କୌଣସି ଉପାୟ ନକଲେ ଏହି ଅଂଚଳରେ ରହୁଥିବା ବହୁ ଲୋକ ହଇରାଣ ହେବେ। ତେବେ କାଳବୈଶାଖୀର ପ୍ରବଳ ବର୍ଷାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଘର ଏବେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ପ୍ରଶାସନ ତରଫରୁ କୌଣସି ସମାଧାନର ବାଟ ବାହାର ନକଲେ ଏହି ପରିବାର ବର୍ଷା ଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବେ ବୋଲି କୁହାଯାଇଛି।

# ବିଜେଡି ଛାଡ଼ି ଲାଭରେ ଅନୀଲ, ପୂର୍ଣ୍ଣଚନ୍ଦ୍ର, ସିଦ୍ଧାନ୍ତ

ବ୍ରହ୍ମପୁର, ୭/୬ (ନି.ପ୍ର): ସରିଛି ୨୦୨୪ ସାଧାରଣ ନିର୍ବାଚନ। ନିର୍ବାଚନରେ ଦଳବଦଳ ପରେ କିଛି ନେତା ବିଜୟୀ ହୋଇଥିବା ବେଳେ ଆଉ କେତେଜଣ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କେ. ଅନୀଲ କୁମାର, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସିଦ୍ଧାନ୍ତ ମହାପାତ୍ର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ପଟେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଭୃଗୁ ବକ୍ସିପାତ୍ରଙ୍କୁ ବଡ଼ଧରଣର କ୍ଷତି ସହିବାକୁ ପଡ଼ିଛି। ସେହିପରି ହିଞ୍ଜିଳି ନେତା ରଜନୀକାନ୍ତ ପାଢ଼ୀ ମଧ୍ୟ ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ସେ ମଧ୍ୟ ନିର୍ବାଚନରେ ପରାଜିତ ହୋଇଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ବହୁ ନେତା ଦଳବଦଳ କରିଥିଲେ। ବ୍ରହ୍ମପୁର ବିଜେଡି ନେତା ଅନୀଲଙ୍କୁ ଟିକେଟ ମିଳିବା ଆଶା କ୍ଷୀଣ ହେବା ପରେ ସେ ବିଜେପିରେ ଯୋଗ ଦେଇଥିଲେ। ବିଜେପିରୁ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ହେବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ୧୮ହଜାର ୭୦୯ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ଖଲ୍ଲିକୋଟର ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ବିଜେପିରେ ଯୋଗ ଦେଇ ଏବେ ବିଧାୟକ ହୋଇଛନ୍ତି। ସେ ବିଜେଡି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟଙ୍କୁ ୨୩ହଜାର ୫୭ ଭୋଟ୍‌ରେ ପରାସ୍ତ କରିଛନ୍ତି। ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ ବ୍ରହ୍ମପୁର ସାଂସଦ ଭାବେ ନିର୍ବାଚିତ ସିଦ୍ଧାନ୍ତ ବିଜେପିରେ ଯୋଗ ଦେଇ ଦିଗପହଣ୍ଡି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କୁ ୧୬ହଜାର ୮୪୭ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟପଟେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବରିଷ୍ଠ ନେତା ଭୃଗୁଙ୍କୁ ବଡ଼ ଝଟ୍‌କା ଲାଗିଛି। ସେ ୨୦୧୯ରେ ବିଜେପି ଟିକେଟରୁ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭାବେ ଲଢ଼େଇ କରି ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କ ଠାରୁ ୯୪ହଜାର ୮୪୪ ଭୋଟରେ ପରାସ୍ତ ହୋଇଥିଲେ। ୨୦୨୪ ନିର୍ବାଚନରେ ସେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ଠାରୁ ସେ ୧ଲକ୍ଷ ୬୫ହଜାର ୪୬୭ ଭୋଟରେ ପରାସ୍ତ ହୋଇଛନ୍ତି। ସେହିପରି ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ରଜନୀକାନ୍ତ ହିଂଜିଳିରୁ ଦଳୀୟ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ସେ ପରାଜିତ ହୋଇଛନ୍ତି।

# ପରୀକ୍ଷା ନିୟନ୍ତ୍ରକଙ୍କୁ ଶୁଭେଚ୍ଛା

କେନ୍ଦ୍ରାପଡ଼ା, ୭/୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର ଡ଼ଃ ପ୍ରଶାନ୍ତ କୁମାର ପରିଡା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ଭାବେ ଦାୟିତ୍ୱ ଗ୍ରହଣ କଲାପରେ ତାଙ୍କ ପଂଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡ଼ଃ ପରିଡ଼ା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ସ୍ନାତକ ଶିକ୍ଷା ଗ୍ରହଣ କରିବାପରେ ସୁନ୍ଦରଗଡ଼, ପୁରୀ, ବିଜେପି ଓ ଢେଙ୍କାନାଳ କଲେଜରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ପରେ ସେ କେନ୍ଦ୍ରାପଡ଼ା ବ୍ଲକ ଅଧିନସ୍ଥ ଦୁତିଆଳ ଗ୍ରାମର ସ୍ୱର୍ଗତ ସୁକଦେବ ପରିଡ଼ା ଓ ମାତା ପଦ୍ମାବତୀ ପରିଡ଼ାଙ୍କ ସୁଯୋଗ୍ୟ ସନ୍ତାନ ହୋଇଥିନାରୁ ତାଙ୍କ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟ୍ରେଡିଂ ଆପ୍ ମାୟାରେ ଉଡ଼ିଗଲା ୬୩ ଲକ୍ଷ: ୨୬% ସୁଧ ଲୋଭରେ ଫସିଲେ ବ୍ୟବସାୟୀ



ଭୁବନେଶ୍ୱର, ୭/୬ (ନି.ପ୍ର): ପୁଣି ଜଣେ ବ୍ୟବସାୟୀ ଟ୍ରେଡିଂ ଆପ୍‌ର ମାୟାଜାଲରେ ଫସି ୬୩ ଲକ୍ଷ ଟଙ୍କା ହରାଇଛନ୍ତି। ବିନିଯୋଗ ରାଶି ଉପରେ ୨୬% ସୁଧ ଲୋଭର ବଶବର୍ତ୍ତୀ ହୋଇ ବ୍ୟବସାୟୀ ଜଣକ ୬୩ ଲକ୍ଷ ଟଙ୍କା ହରାଇବା ପରେ କ୍ରାଇମ୍‌ବ୍ରାଞ୍ଚ ସାଇବର ୟୁନିଟ୍‌ର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରୀଙ୍କ କହିବାନୁସାରେ ତାଙ୍କ ହ୍ୱାଟସ୍‌ଆପ୍‌କୁ ଏକ ଲିଙ୍କ୍ ସହ ମେସେଜ୍ ଆସିଥିଲା। ଏହା ସାଇବର ଠକ ପଠାଇଥିଲା, କିନ୍ତୁ ବ୍ୟବସାୟୀଜଣକ ବୁଝି ପାରିନଥିଲେ। ଲିଙ୍କ୍ ଖୋଲିବା ପରେ ସାଇବର ଠକ ବ୍ୟବସାୟୀଙ୍କୁ ଏକ ଗ୍ରୁପ୍‌ରେ ଯୋଡ଼ି ଦେଇଥିଲା। ଗ୍ରୁପ୍‌ରେ ଥିବା କିଛି ସଦସ୍ୟ ଟ୍ରେଡିଂ ଆପ୍‌ରେ ପୁଞ୍ଜି ବିନିଯୋଗ କରି ଲାଭବାନ ହେଉଥିବା ଚର୍ଚ୍ଚା ହେଉଥିଲା। ଏତିକିରେ ବ୍ୟବସାୟୀଙ୍କୁ କିଛି ଟାସ୍କ ପୂରଣ କରିବାକୁ ଦିଆଯାଇଥିଲା ଏବଂ ସତକୁ ସତ କିଛି ଘଣ୍ଟା ଭିତରେ ତାଙ୍କୁ ବିନିଯୋଗ ରାଶି ଉପରେ ୨୬% ସୁଧ ହାରରେ ରିଟର୍ଣ୍ଣ ମିଳିଥିଲା। ଏଥିରେ ବ୍ୟବସାୟୀ ଲୋଭରେ ପଡ଼ିଥିଲେ ଏବଂ ଉତ୍ସାହିତ ହୋଇ ଅଧିକ ବିନିଯୋଗ କରିଚାଲିଲେ। ସେ ୧୦ ଲକ୍ଷରୁ ଅଧିକ ବିନିଯୋଗ କରିବା ପରେ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ଆକାଉଣ୍ଟକୁ ସଚଳ କରିବା ପାଇଁ ସାଇବର ଠକ ବ୍ୟବସାୟୀଙ୍କୁ ଆଉ କିଛି ପୁଞ୍ଜି ନିବେଶ କରିବାକୁ କହିଥିଲା। ତେଣୁ ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀଜଣକ ବିଭିନ୍ନ ପର୍ଯ୍ୟାୟରେ ୬୩ ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ଏହାପରେ ତାଙ୍କୁ ଉକ୍ତ ଗ୍ରୁପ୍‌ରୁ ବାହାର କରିଦିଆଯାଇଥିଲା। ସେତେବେଳେ ବ୍ୟବସାୟୀ ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ୍‌ରେ ସାଇବର ଠକ ଟେଡିଂ ଆପ୍ ଜରିଆରେ ୧୦ କୋଟିରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଜାନୁଆରିରୁ ମାର୍ଚ୍ଚ ଭିତରେ ୧୬ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ଓ ସାଇବର ବିଶେଷଜ୍ଞମାନେ ବାରମ୍ବାର ଲୋକଙ୍କୁ ସଚେତନ କରୁଥିଲେ ବି କିଛି ସୁଫଳ ମିଳୁନଥିବା ଦେଖିବାକୁ ମିଳୁଛି।

# ରେବଣା ଜଙ୍ଗଲରେ ବାଘ ଆତଙ୍କ: ପୁଣି ମଇଁଷି ଶିକାର କଲା ମହାବଳ



ହରିଚନ୍ଦନପୁର, ୭/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡ଼ପଳାଶପାଳ ପଞ୍ଚାୟତର ଦୁର୍ଗମ କନ୍ହେଇଗୋଳା ଗ୍ରାମ ନିକଟ ରେବଣା ସଂରକ୍ଷିତ ଜଙ୍ଗଲରେ ପୁଣି ମହାବଳ ବାଘ ଆତଙ୍କ ଖେଳାଇଛି। ଗତ କିଛିଦିନ ଧରି ମଇଁଷି ମାରୁଥିବା ମହାବଳଟି ପୁଣି ଏକ ମଇଁଷି ଶିକାର କରିଛି। ଗତ ୩ ତାରିଖ ରାତିରେ ମହାବଳ ବାଘ ଆକ୍ରମଣରେ କନ୍ହେଇଗୋଳା ଗ୍ରାମର ଅଭିମନ୍ୟୁ ଖମଣିଆଙ୍କର ଏକ ମଇଁଷିର ମୃତ୍ୟୁ ହୋଇଥିଲା। ବୁଲାରି ମହକୁଡ଼ଙ୍କ ଏକ ମଇଁଷି ଗଭୀର ଭାବେ କ୍ଷତାକ୍ତ ହୋଇଛି। ଗତ ଦୁଇମାସ ଭିତରେ ମହାବଳଟି ରେବଣା ସଂରକ୍ଷିତ ଜଙ୍ଗଲର ବଡ଼ଝାର, ସାନଜେମେଇଁ, ବଡ଼ଜେମେଇଁ, ନୋଲ, ବାଉଁରୁ, କନ୍ହେଇଗୋଳା ଗ୍ରାମ ନିକଟରୁ ୯ ଟି ମଇଁଷି ମାରିଥିବା ଖବର ରହିଛି। ଏହି ଜଙ୍ଗଲରେ ମହାବଳ ବାଘଟି ବୁଲୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏ ସଂପର୍କରେ ଆନନ୍ଦପୁର ବନଖଣ୍ଡର ଏସିଏଫ୍ ଉମାକାନ୍ତ ଦାସଙ୍କୁ ପଚାରିବାରୁ କହିଥିଲେ, ମହାବଳ ବାଘଟି ଅନ୍ୟ ଜଙ୍ଗଲରୁ ରେବଣା ସଂରକ୍ଷିତ ଜଙ୍ଗଲକୁ ଚାଲିଆସିଛି। ଏହି ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘଟି ଖାଦ୍ୟ ପାଉଥିବାରୁ ସେ ଆଉ ଫେରୁନାହିଁ। ତେଣୁ ମଇଁଷି ଓ ଅନ୍ୟ ଗୃହପାଳିତ ପ୍ରାଣୀଙ୍କୁ ଜଙ୍ଗଲକୁ ନଛାଡ଼ିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। ଏହାସତ୍ତ୍ୱେ ଚାଷୀମାନେ ସେମାନଙ୍କ ଗୃହପାଳିତ ପ୍ରାଣୀଙ୍କୁ ଜଙ୍ଗଲକୁ ଖୋଲା ଛାଡ଼ି ଦେଉଛନ୍ତି। ଜଙ୍ଗଲରେ ଖାଦ୍ୟ ନମିଳିଲେ ମହାବଳ ବାଘଟି ରେବଣା ସଂରକ୍ଷିତ ଜଙ୍ଗଲ ଛାଡ଼ି ଅନ୍ୟଆଡ଼େ ଚାଲିଯିବ ବୋଲି ସେ ସୂଚନା ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ୭ ଦିନ ମଧ୍ୟରେ ସରକାରୀ ସହାୟତା ଯୋଗାଇ ଦିଆଯାଉଛି ବୋଲି ଏସିଏଫ ଶ୍ରୀ ଦାସ ଜଣାଇଛନ୍ତି।

# ଟିକା ନେବା ପରେ ଶିଶୁକନ୍ୟାର ମୃତ୍ୟୁ: ମୃତଦେହ ଧରି ଧାରଣା ଦେଲେ ପରିବାର ଲୋକେ



ତେନ୍ତୁଳିଖୁଣ୍ଟି, ୭/୬ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଦେଢ଼ ମାସର ଶିଶୁକନ୍ୟା ପ୍ରଥମ ଡୋଜ ଟିକା ନେବାର ୨୦ଘଣ୍ଟା ପରେ ମୃତ୍ୟବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାପରେ ସମ୍ପୃକ୍ତ ପରିବାର ଶିଶୁକନ୍ୟାର ଶବକୁ ଧରି ପାତ୍ରପୁଟସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇ କ୍ଷତିପୂରଣ ଦାବି କରିଛନ୍ତି। ଟିକା ନେବା ପରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପାତ୍ରପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ସବ ସେଣ୍ଟରରେ ଗତକାଲି ଟିକାଦାନ କାର୍ଯ୍ୟକ୍ରମ ଥିଲା। ଏଥିରେ ଅଂଚଳର ୧୫ ଜଣ ଶିଶୁଙ୍କୁ ଟିକାକରଣ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟ କର୍ମୀ କବିତା ସେଠୀ ଟିକା ଦେଇଥିଲେ। ୧୫ ଶିଶୁ ଙ୍କ ମଧ୍ୟରୁ ଦୁଇଜଣ ଶିଶୁଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଥିଲା। ଏହି ୨ ଜଣ ଶିଶୁଙ୍କୁ ପୋଲିଓ, ପେଣ୍ଟା, ପିସିବି ଇଞ୍ଜେକ୍ସନ ଏବଂ ରୋଟା ଖାଉବାକୁ ଦିଆ ଯାଇଥିଲା। ଦୁଇଜଣ ଙ୍କ ମଧ୍ୟରୁ ପାତ୍ରପୁଟ ଗ୍ରାମର ଗ୍ରାମର କିରଣ ପାତ୍ରଙ୍କ ଦେଢ଼ମାସର ଶିଶୁକନ୍ୟାଙ୍କୁ ମଧ୍ୟ ସକାଳ ୮ଟା ୪୫ରେ ଅନୁରୂପ ଟିକା ଦିଆ ଯାଇଥିଲା। ଏହାପରେ ପରିବାର ଲୋକେ ଶିଶୁ ଙ୍କୁ ନେଇଁ ଘରକୁ ଚାଲିଯାଇଥିଲେ। ତେବେ ଆଜି ଶିଶୁଟି କ୍ଷିର ପାନ କରିବା ପରେ ସକାଳ ୫ ଘଣ୍ଟା ସମୟରେ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ତେବେ ଟିକର ନେବା କାରଣରୁ ଶିଶୁଟିର ମୃତ୍ୟୁ ହୋଇଥିବା ନେଇଁ ପରିବାର ଲୋକେ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। ଏହାପରେ ଶିଶୁର ମୃତ ଦେହକୁ ଧରି ପାତ୍ରପୁଟ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇ କ୍ଷତିପୂରଣ ଦାବି କରିଥିଲେ। ସମ୍ପୃକ୍ତ ପରିବାର ସକାଳ ୧୦ ଘଣ୍ଟା ଠାରୁ ସନ୍ଧ୍ୟା ୫ ଘଣ୍ଟା ପର୍ଯ୍ୟନ୍ତ ଦୀର୍ଘ ୭ ଘଣ୍ଟା ଧରି ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ନବରଙ୍ଗପୁର ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ନବ କିଶୋର ବେହେରା, ତେନ୍ତୁଳିଖୁଣ୍ଟି ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡ଼ା ସୋମଲେଇ ପ୍ରସାଦ ପଣ୍ଡା, ସ୍ୱାସ୍ଥ୍ୟ ପରିଦର୍ଶକ ପହଂଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ତେବେ ସମ୍ପୃକ୍ତ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଏବଂ ପାତ୍ରପୁଟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# 'ଲକ୍ଷ୍ମୀ' ବସ୍‌ରୁ ଲୋଗୋ, ଲେଖା ଉଭାନ





ଘୁ.ଉଦୟଗିରି/କୁତ୍ରା/କୋଇଡ଼ା, ୭/୬ (ନି.ପ୍ର): ରାଜ୍ୟରେ ନୂଆ ସରକାର ଗଠନ ପୂର୍ବରୁ 'ଲକ୍ଷ୍ମୀ' ବସ୍‌ର ରୂପ ବଦଳିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ସବୁଜ ରଙ୍ଗର ଲକ୍ଷ୍ମୀ ବସ୍ ଗୁଡ଼ିକରୁ ରାତାରାତି ଷ୍ଟିକର୍ କାଢ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଗାଁକୁ ବ୍ଲକ୍ ମୁଖ୍ୟାଳୟ ଯାତାୟାତ ସୁବିଧା ଦେବା ନିମନ୍ତେ କମ୍ ଭଡ଼ାରେ ବିଦାୟୀ ନବୀନ ସରକାର 'ଲକ୍ଷ୍ମୀ' ବସ୍ ଯୋଜନା ଆରମ୍ଭ କରିଥିଲେ। ଏଥିରେ ମହିଳାମାନେ ମାତ୍ର ୫ ଟଙ୍କାରେ ନିଜ ଗାଁରୁ ନିଜ ବ୍ଲକ୍ ସଦର ମହକୁମାକୁ ଯାତାୟାତ କରୁଛନ୍ତି। ଏହିସବୁ ବସ୍ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ପରିଚାଳିତ ହେଉଥିବା ବେଳେ ବସ୍‌ର ଦୁଇପାଖରେ ଲକ୍ଷ୍ମୀ ବସ୍ ଲେଖା ସହ ଦୁଇଟି ନର୍ତ୍ତକୀ ଶଙ୍ଖ ଫୁଙ୍କୁଥିବା ଲୋଗୋ ଲାଗିଛି। ନିର୍ବାଚନ ତାରିଖ ଘୋଷଣା ସହ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବାପରେ ଶଙ୍ଖ ଷ୍ଟିକର ଉପରେ ଟେପ୍ ଆଚ୍ଛାଦିତ କରି ଦିଆଯାଇଥିଲା। ହେଲେ, ଆଜି ସକାଳୁ ହଠାତ୍ କେତେକ ସ୍ଥାନରେ ଲକ୍ଷ୍ମୀ ବସ୍‌ରୁ ଲକ୍ଷ୍ମୀ ବସ୍ ଲୋଗୋ ଓ ନର୍ତ୍ତକୀ ଷ୍ଟିକର ଉଭାନ ହୋଇଯାଇଛି। ଷ୍ଟିକରର ଚିହ୍ନବର୍ଣ୍ଣ ନାହିଁ। ହେଲେ ଏହି ଷ୍ଟିକର କିଏ କାଢ଼ିଲା ଏବଂ କାହା ନିର୍ଦ୍ଦେଶରେ କଢ଼ାଗଲା କାହାପାଖରେ ଖବର ନାହିଁ। କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି; ସୁନ୍ଦରଗଡ଼ର କୋଇଡ଼ା, କୁତ୍ରା ଭଳି କେତେକ ଅଞ୍ଚଳରେ ଏହିଭଳି ଘଟଣା ସାମ୍ନାକୁ ଆସିଛି। ତେବେ, ଏ ସମ୍ପର୍କରେ ସେମାନେ କିଛି ଜାଣିନାହାନ୍ତି ନଥିବା ବସ୍ କର୍ମଚାରୀ କହିଛନ୍ତି। ସେମାନଙ୍କ ମତରେ, କାରଣ ବସ୍‌କୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରଖି ସେମାନେ ନିଜ ଘରକୁ ପଳାଇ ଯାଇଥାନ୍ତି, ସକାଳୁ ପୁଣି ବସ୍ ଡ୍ୟୁଟିକୁ ଆସନ୍ତି। ତେଣୁ ସେମାନେ ଜାଣି ନଥିବା କହିଛନ୍ତି।

# ଜିମେଲ୍‌ରୁ ହଟାନ୍ତୁ ଅଦରକାରୀ

ଜିମେଲ୍‌ରେ ବେଳେବେଳେ ଏତେ ମେଲ୍ ଆସେ ଯେ ଏହାକୁ ଡିଲିଟ୍ କରିବାକୁ କଷ୍ଟ ହୋଇପଡ଼େ। କେଉଁ ଅଦରକାରୀ ମେଲ୍ ଡିଲିଟ୍ କରିବେ ଜଣା ପଡ଼େନାହିଁ। କିନ୍ତୁ ଏମିତି ଫିଚର୍ସ ରହିଛି, ଯାହା ସାହାଯ୍ୟରେ ଅଯଥା ମେଲ୍ ଡିଲିଟ୍ କରିପାରିବେ ଜିମେଲ୍‌ରୁ।



**ଜିମେଲ ଫିଲଟର୍ସ:**

ଜିମେଲରେ ଅନେକଗୁଡ଼ିଏ ସର୍ଚ୍ଚ ଫଙ୍କସନ ରହିଛି। ଯାହା ସାହାଯ୍ୟରେ ଅଦରକାରୀ ବା ଅଯଥା ମେଲକୁ ଡିଲିଟ୍ କରାଯାଇ ପାରିବ।

- ଜିମେଲ ସାଇନ ଇନ କଲାପରେ ଉପରେ ଥିବା ବିଗ ସର୍ଚ୍ଚକୁଯାଆନ୍ତୁ।

- ପ୍ରଥମେ ଅଧିକ ସ୍ପେସ ନେଉଥିବା ଅଦରକାରୀ ମେଲକୁ ହଟାନ୍ତୁ। ସର୍ଚ୍ଚ ବାରରେ ଲାର୍ଜ ୧୦ଏମ ଟାଇପ କରି ଏଣ୍ଟର କରିବେ ନଚେତ ମ୍ୟାଗ୍ନିଫାଇଙ୍ଗ୍ ଗ୍ଲାସ୍ ଆଇକନ ଉପରେ କ୍ଲିକ୍ କରନ୍ତୁ।

- ଏହାଦ୍ୱାରା ଆପଣ ୧୦ ଏମବିରୁ ଅଧିକ ସ୍ପେସ୍ ଇ-ମେଲ ଫାଇଲ ଥିବାର ଜାଣିପାରିବେ। ଏବେ ଅଦରକାରୀ ଇ-ମେଲକୁ ସିଲେକ୍ଟ କରି ଡିଲିଟ୍ କରି ଦିଅନ୍ତୁ।

- ଏହାଠାରୁ ବଡ଼ ଫାଇଲକୁ ଡିଲିଟ୍ କରିବା ପାଇଁ ମଧ୍ୟ ବ୍ୟବହାରେ କରିପାରିବେ। ଯେମିତି ଲାରଜର.୧୫ଏମବି, ଲାରଜର ୨୦ଏମବି, ଲାରଜର ୨୫ଏମବି ପର୍ଯ୍ୟନ୍ତ ଡିଲିଟ୍ କରାଯାଇପାରିବ। କାରଣ ଜିମେଲରେ କେବଳ ୨୫ ଏମବି ଯାଏ ଫାଇଲ ଆସିବାର ସୁବିଧା ରହିଛି।

- ଯଦି ବହୁତ ପୁରୁଣା ଇମେଲ ଡିଲିଟ୍ କରିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ମଧ୍ୟ ଟୁଲ୍ ରହିଛି। ସର୍ଚ୍ଚ ବାରରେ ବିଫର ୨୦୧୭/ଏମଏମ/୭ ଫର୍ମାଟରେ ବର୍ଷ,ମାସ ଏବଂ ତାରିଖ ଲେଖି ଆଣ ପୁରୁଣା ଇ-ମେଲ ସର୍ଚ୍ଚ କରି ଡିଲିଟ୍ କରିପାରିବେ।

- ୧୦ ଏମବିରୁ ଅଧିକ ପୁରୁଣା ସାଇଜର ଇ-ମେଲକୁ ଡିଲିଟ୍ କରିବାକୁ ଚାହୁଁଥିଲେ, ସର୍ଚ୍ଚ ଅପରେସନ ବିଫର:୨୦୧୭/ଏମଏମ/୭ଲାରଜର ୧୦ଏମ ଟାଇପ କରି ଏଂଟର କରିଦିଅନ୍ତୁ।

ଫାଇଣ୍ଡ ବିଗ ମେଲ: ଫାଇଣ୍ଡ ବିଗମେଲ ଏକ ବହୁତ ଭଲ ଆପ। ଜିମେଲରେ ଥିବା ବଡ଼ବଡ଼ ଫାଇଲକୁ ଖୋଜିବାରେ ଏହି ଆପ ସହାୟକ ହୋଇଥାଏ। ଏହି ଆପ୍ ଆପେ ଆପେ ସେହିସବୁ ଫାଇଲକୁ ଖୋଜି ବାହାର କରିଥାଏ ଯାହାକୁ ଡିଲିଟ୍ କରିବାକୁ ଚାହୁଁଥିବେ। କେମିତି କରିବେ।

- ଡବ୍ଲୁଡବ୍ଲୁଡବ୍ଲୁ.ଫାଇଣ୍ଡମେଲଡଟ୍‌କମ୍ ୱେବସାଇଟକୁ ଯିବାକୁ ପଡ଼ିଥାଏ।

- ଏଥିରେ ନିଜର ଜିମେଲ ଠିକଣା ଲେଖନ୍ତୁ।

- ଫାଇଣ୍ଡ ବିଗମେଲ ଉପରେ କ୍ଲିକ କରନ୍ତୁ।

- ଗୁଗୁଲ ଏହି ସର୍ଭିସକୁ ଅଥରାଇଜ କରିବାକୁ କହିଥାଏ।

- ଆପଣ ପାସୱାର୍ଡ଼ ଦେଇ କ୍ଲିକ କରିନେବେ।

ଏହି ସର୍ଭିସ ଆପରଣଙ୍କ ଇନବକ୍ସର ସ୍କାନିଙ୍ଗ କରିବା ଆରମ୍ଭ କରିଦେଇଥାଏ। ଏହି ୱେବସାଇଟ୍ କେବଳ ଇମେଲର ସାଇଜ ଦେଖିଥାଏ। ଏହାର କଣ୍ଟେନ ନୁହେଁ। ସ୍କାନିଙ୍ଗ୍ ପୂରା ହୋଇଗଲା ପରେ ଇମେଲ୍ ଆଲର୍ଟ ଆସିଯାଏ।

- ଇନବକ୍ସର ବାମପାର୍ଶ୍ୱରେ ଯେଉଁଠି ଇନବକ୍ସ, ସେଣ୍ଟ ମେଲ ଆଦିର ଲେବୁଲ ଦେଖାଯାଏ ସେଠି ଆପଣଙ୍କୁ କିଛି ନୂଆ ଲେବୁଲ ମଧ୍ୟ ଦେଖାଯାଇଥାଏ। ଯଦି ଦେଖାନଯାଏ, ତେବେ ଲେବୁଲ ମେନ୍ୟୁକୁ କ୍ଲିକ କରି ତଳକୁ ନେଇ ଆସନ୍ତୁ। ଆପଣଙ୍କ ତିନୋଟି ନୂଆ ଲେବୁଲ ଦେଖାଯିବ। ଏହି ନୂଆ ଲେବଲ ମଧ୍ୟରୁ କୌଣସି ଗୋଟିଏ ଉପରେ କ୍ଲିକ କରନ୍ତୁ। ଏଥିରେ ଆପଣଙ୍କ ଜିମେଲରେ ଥିବା ଅଯଥା ବଡ଼ ବଡ଼ ଫାଇଲ୍ ଡିଲିଟ୍ ହୋଇଯିବ।




# ଏହି ୬ଟି ଉପାୟରେ ଜାଣନ୍ତୁ ଆପଣଙ୍କ ପିଲା ଚଷମା ବ୍ୟବହାର କରିବା ଉଚିତ କି ନାହିଁ



କିଛି ପିଲା ଅଛନ୍ତି ଯେଉଁମାନେ ଜନ୍ମରୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି କିମ୍ବା ସମୟ ସହିତ ସେମାନଙ୍କର ଦୃଷ୍ଟି ଶକ୍ତି ଅନ୍ୟମାନଙ୍କ ତୁଳନାରେ ଦୁର୍ବଳ ହୋଇଯାଏ। ତେବେ କେଉଁ ଲକ୍ଷଣଗୁଡିକ ଦେଖି ଆପଣ ବୁଝିପାରିବେ ଯେ ପିଲାର ଦୃଷ୍ଟି ଶକ୍ତି ଖରାପ ଅଛି ଏବଂ ତାଙ୍କୁ ଚଷମା ଦରକାର ଆସନ୍ତୁ ଜାଣିବା।

ପିଲାମାନେ ସେମାନଙ୍କ ଚାରିପାଖରେ ଥିବା ଦୁନିଆକୁ ଦେଖି ଅଧିକାଂଶ ଜିନିଷ ଶିଖନ୍ତି। କିନ୍ତୁ କିଛି ପିଲା ଅଛନ୍ତି ଯେଉଁମାନେ ଜନ୍ମରୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି କିମ୍ବା ସମୟ ସହିତ ସେମାନଙ୍କର ଦୃଷ୍ଟି ଶକ୍ତି ଅନ୍ୟମାନଙ୍କ ତୁଳନାରେ ଦୁର୍ବଳ ହୋଇଯାଏ।

ଅନେକ ଥର ଏହା ମଧ ଦେଖାଯାଇଛି ଯେ ଏହିପରି ପିଲାମାନେ ସେମାନଙ୍କର ସମସ୍ୟା ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ ଏବଂ ଏହି କାରଣରୁ ସେମାନେ ନିଜ ବାପାମାଆଙ୍କୁ ମଧ କହିପାରନ୍ତି ନାହିଁ ଯେ ସେମାନେ ଭଲରେ ଦେଖିପାରୁ ନାହାନ୍ତି ବୋଲି। ଏଭଳି ପରିସ୍ଥିତିରେ ଅଭିଭାବକମାନଙ୍କ ପାଇଁ ସେମାନଙ୍କର ପିଲାମାନଙ୍କର ଆଖି ଭଲ ଅଛି କି ନାହିଁ ତାହା ଜାଣିବା କଷ୍ଟକର ହୋଇଯାଏ।

ଏହି କାରଣରୁ ପିଲାମାନଙ୍କର ପ୍ରଦର୍ଶନ ଖରାପ ହେବାକୁ ଲାଗେ ଏବଂ ସେମାନେ ଅଧୟନ ଏବଂ କ୍ରୀଡ଼ାଠାରୁ ଦୂରେଇ ଯିବା ଆରମ୍ଭ କରନ୍ତି। ଏପରି ପରିସ୍ଥିତିରେ, ବାପାମାଆମାନେ କିପରି ବୁଝିପାରିବେ ଯେ ସେମାନଙ୍କ ପିଲା ତାଙ୍କ ଆଖିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ନାହିଁ? କେଉଁ ଲକ୍ଷଣଗୁଡିକ ଦେଖି ଆପଣ ବୁଝିପାରିବେ ଯେ ପିଲାର ଦୃଷ୍ଟି ଶକ୍ତି ଖରାପ ଅଛି ଏବଂ ତାଙ୍କୁ ଚଷମା ଦରକାର ଆସନ୍ତୁ ଜାଣିବା।

*ପାଖରୁ ଟିଭି ଦେଖିବା:*

ଯଦି ଆପଣଙ୍କର ପିଲା ଅତି ପାଖରୁ ଟିଭି ଦେଖିବା ପାଇଁ ଚେଷ୍ଟା କରୁଛନ୍ତି, ତେବେ ଆପଣ ବୁଝିନିଅନ୍ତୁ ଯେ ତାଙ୍କୁ ଦେଖିବାରେ ଅସୁବିଧା ହେଉଛି। ଏହା ଖରାପ ଆଖିର ଲକ୍ଷଣ।

*ଗୋଟିଏ ଆଖି ବନ୍ଦ କରିବା:*

ଯଦି ଆପଣଙ୍କ ପିଲା କୌଣସି ଜିନିଷ ଉପରେ ଧ୍ୟାନ ଦେବା ପାଇଁ ବାରମ୍ବାର ଗୋଟିଏ ଆଖି ବନ୍ଦ କରିଦେଉଛନ୍ତି, ତେବେ ଏହି ଲକ୍ଷଣକୁ ଗମ୍ଭୀରତାର ସହ ନେବା ଜରୁରୀ। ଏହା ସମ୍ଭବ ଯେ ସେ ସାଧାରଣ ଭିଜନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

*ପଢିବା ବେଳେ ଭୁଲିଯିବା:*

ଯଦି ତୁମର ପିଲା କିଛି ପଢିବା ବେଳେ ଶେଷ ଲାଇନ କେଉଁଠି ଛାଡିଛନ୍ତି ତାହ ଭୁଲିଯାଆନ୍ତି, ତେବେ ଏହା କ୍ରସ୍ ଆଇ ସମସ୍ୟା ହୋଇପାରେ।

*ଆଙ୍ଗୁଠି ରଖି ପଢିବା:*

ଛୋଟ ପିଲାମାନେ ଆଙ୍ଗୁଠି ରଖି ପଢିବା ସହଜ ଲାଗେ। କିନ୍ତୁ ଯଦି ଆପଣଙ୍କ ପିଲା ଟିକିଏ ବଡ ହୋଇସାରିଛି ଏବଂ ତଥାପି ଆଙ୍ଗୁଠି ରଖି ପଢୁଛି, ତେବେ ପିଲାର ଲେଜୀ ଆଇର ସମସ୍ୟା ହୋଇପାରେ।

*ମୁଣ୍ଡ ବିନ୍ଧା:*

ଯଦି ଆପଣଙ୍କ ପିଲା ଅଳ୍ପ ବୟସରେ ମୁଣ୍ଡବିନ୍ଧା କିମ୍ବା ମୁଣ୍ଡ ବୁଲାଇବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏହା ଦୃଷ୍ଟି ଶକ୍ତିରେ ସମସ୍ୟା ହେତୁ ହୋଇପାରେ।

*ଆଖି ମଳିବା:*

ଯଦି ପିଲା ବାରମ୍ବାର ଆଖି ମଳୁଛନ୍ତି ଏବଂ ଆଖିରୁ ପାଣି ବାହାରୁଛି, ତେବେ ଏହା ମଧ ଆଖିର ସମସ୍ୟା ହୋଇପାରେ। ଏହା ବ୍ୟତୀତ, ଯଦି ଧିକ ଆଲୋକ ତାଙ୍କୁ ହଇରାଣ କରେ ତେବେ ଏହା ମଧ ପିଲାର ଆଖି ଯାଞ୍ଚ କରାଯିବା ଉଚିତର ସଙ୍କେତ ଦିଏ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚଷମା ଦିଆଯିବା ଉଚିତ।

# ସୁନ୍ଦରୀ-ସ୍ୱାସ୍ଥ୍ୟବତୀ ରହିବା ପାଇଁ...



ରାତିରେ ଯେତେ ଶୀଘ୍ର ସଂଭବ ଶୁଅନ୍ତୁ, ଏବଂ ସକାଳେ ଯେତେ ଜଲଦି ହୋଇପାରେ ଉଠନ୍ତୁ। ଉଠିବା କ୍ଷଣି ପରିଷ୍କାର ଶୀତଳ ଜଳରେ ମୁହଁ ଭଲଭାବେ ଧୁଅନ୍ତୁ। ସାବୁନ ବ୍ୟବହାର କରନ୍ତୁ ନାହିଁ। ତାହାପରେ ଉଷୁମ ପାଣିରେ ଫାଳେ ଲେମ୍ବୁର ରସ ଗୋଳାଇ ପିଅନ୍ତୁ ଏବଂ ନିତ୍ୟକର୍ମ ସାରନ୍ତୁ। ଲେମ୍ବୁପାଣି ପିଇବାର ଅଧଘଂଟାପରେ ବିସ୍କୁଟ ବା ସାଦା ଟୋଷ୍ଟ ସହ ଚାହା ପିଇପାରିବେ। ଏକ ଘଂଟାପରେ ଅଳ୍ପ ଫଳାହାର ଆଉ ଅଧଘଂଟାପରେ ଜଳଖିଆ। ଜଳଖିଆରେ ନିୟମିତ ବସାଦହି ଖାଆନ୍ତୁ। ଜଳଖିଆ ଉଷୁମ ଖାଆନ୍ତୁ। ତନ୍ତୁଯୁକ୍ତ ଜଳଖିଆକୁ ଗୁରୁତ୍ୱ ଦଅନ୍ତୁ। ବଲିଉଡ଼ ସୁନ୍ଦରୀଙ୍କ ଭଳି ଦିଶିବାକୁ ଚାହାନ୍ତି ତ ଜଳଖିଆ ପୂର୍ବରୁ ବ୍ୟାୟାମ କରନ୍ତୁ। ଜିମ୍ ଯିବାକୁ ସୟମ ପାଉ ନଥିଲେ ଘରେ ୱାର୍ମ-ଅପ୍ ପୁସ୍ ଅପ ଷ୍ଟ୍ରେଚିଂ କରନ୍ତୁ। ଦ୍ୱିପ୍ରହରରେ ଖାଦ୍ୟକୁ ପୁଷ୍ଟିସର ବହୁଳ କରନ୍ତୁ। ମାଛ, ଅଣ୍ଡା, ଡାଲି, ପରିବା, ତରକାରି, ସାଲାଡ଼ ସହ ଅକାଣ୍ଡିଆ ଚାଉଳରେ ଭାତ ବା ଅଟା ରୁଟି। ଅପରାହ୍ନରେ ଗଜାବୁଟ ବା ଗଜାମୁଗ ସହଂ ଫଳ ରାତିରେ କମ ଖାଆନ୍ତୁ।

# ପିଲାମାନଙ୍କୁ ସମୟ ଦେବା ନେଇ ଚିନ୍ତିତ କି; ଘରେ ସେମାନଙ୍କ ସହ ଏମିତି କାଟନ୍ତୁ କ୍ୱାଲିଟି ଟାଇମ୍



ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଘର ପାଇଁ ସମୟ ପାଇବା ସହଜ ନୁହେଁ। ଏଭଳି ପରିସ୍ଥିତିରେ ଅନେକ ବାପାମାଆ ଚିନ୍ତାରେ ପଡିଯାଆନ୍ତି ଯେ ସେମାନେ ନିଜ ପିଲାମାନଙ୍କୁ ଅଧିକ ସମୟ ଦେଇ ପାରିବେ ନାହିଁ। ଏଠାରେ ଆମେ ଆପଣଙ୍କୁ କିଛି ଟିପ୍ସ ବିଷୟରେ କହିବୁ ଆପଣ କିପରି ଅଳ୍ପ ସମୟ ମଧ୍ୟରେ ପିଲାମାନଙ୍କ ସହିତ ଗୁଣାତ୍ମକ ସମୟ ବିତାଇ ପାରିବେ।

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଘର ପାଇଁ ସମୟ ପାଇବା ସହଜ ନୁହେଁ। ଆଖି ପିଛୁଳାକେ ସମୟ କୁଆଡେ ଚାଲିଯାଉଛି ଜଣାପଡୁନି। ଏଭଳି ପରିସ୍ଥିତିରେ ଅନେକ ବାପାମାଆ ଚିନ୍ତାରେ ପଡିଯାଆନ୍ତି ଯେ ସେମାନେ ନିଜ ପିଲାମାନଙ୍କୁ ଅଧିକ ସମୟ ଦେଇ ପାରିବେ ନାହିଁ। ଅନେକ ବାପାମାଆ ବିଶେଷକରି କାର୍ଯ୍ୟରତ ମା'ମାନଙ୍କ ଏହା ବେଶି ଚିନ୍ତାର କାରଣ।

କିନ୍ତୁ ସେମାନଙ୍କୁ ଜାଣିରଖିବାକୁ ହେବ ଯେ ଏହା ନୁହେଁ ଯେ ଯେଉଁ ମାଆମାନେ ଦିନସାରା ଘରେ ରୁହନ୍ତି ସେମାନେ କାମ ନ କରି ଆରାମରେ ରୁହନ୍ତି। ସେମାନେ ମଧ ଏହାକୁ ନେଇ ଚିନ୍ତାରେ ଜୀବନଯାପନ କରନ୍ତି। ଏଠାରେ ଆମେ ଆପଣଙ୍କୁ କିଛି ଟିପ୍ସ ବିଷୟରେ କହିବୁ ଆପଣ କିପରି ଅଳ୍ପ ସମୟ ମଧରେ ପିଲାମାନଙ୍କ ସହିତ ଗୁଣାତ୍ମକ ସମୟ ବିତାଇ ପାରିବେ।

ଯଦି ଆପଣ ନିଜ ପିଲା ସହିତ ବସି କଥାବାର୍ତ୍ତା କରିବାକୁ ସକ୍ଷମ ନୁହଁନ୍ତି, ତେବେ ଏପରି କିଛି କରନ୍ତୁ ଯାହା ତାଙ୍କୁ ଲାଗିବ ଯେ ଆପଣ ମଧ ତାଙ୍କ ବିଷୟରେ ଚିନ୍ତା କରୁଛନ୍ତି। ଉଦାହରଣ ସ୍ୱରୂପ, ଆପଣଙ୍କ ପିଲାଙ୍କ ମଧାହ୍ନ ଭୋଜନ ବ୍ୟାଗ୍ ?ରେ ଏକ ନୋଟ୍ ରଖିଦେବା, ସେମାନଙ୍କ ଦ୍ୱାରରେ ଏକ ସୁନ୍ଦର ନୋଟ୍ ପୋଷ୍ଟ କରିବା, କିମ୍ବା ଘରେ ଏକ ହ୍ୱାଇଟ୍ ବୋର୍ଡରେ ଏକ ସକରାତ୍ମକ ପ୍ରେରଣାଦାୟକ ବିବରଣୀ ଲେଖିବା। ଆପଣଙ୍କ ଏବଂ ଆପଣଙ୍କ ପିଲାଙ୍କ ପାଇଁ ଏକ ବିଶେଷ ସମୟ ସୃଷ୍ଟି କରନ୍ତୁ ଯାହା ପ୍ରତିଦିନ କରାଯାଇପାରିବ। ଉଦାହରଣ ସ୍ୱରୂପ, ଶୋଇବା ସମୟରେ ପିଲାଙ୍କ ସହିତ କିଛି ସମୟ ବହି ପଢିବା କିମ୍ବା ଏକ କାହାଣୀ ଶୁଣାଇବା। ସେମାନଙ୍କ ସହିତ ମଜାଳିଆ ସମୟ ବିତାନ୍ତୁ ଏବଂ ବେଳେବେଳେ ଦୁଷ୍ଟାମି ଭଳି କାମ ମଧ କରନ୍ତୁ। ପିଲାକୁ ପ୍ରତିଦିନ କୁହନ୍ତୁ ଯେ ଆପଣ ତାଙ୍କୁ କେତେ ଭଲ ପାଆନ୍ତି ଏବଂ ତାଙ୍କୁ କୁହନ୍ତୁ ଯେ ସେ ଆପଣ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ଏହିପରି ଭାବରେ ସେମାନେ ନିଜକୁ ସୁରକ୍ଷିତ ଅନୁଭବ କରିବେ ଏବଂ ଆପଣଙ୍କୁ ଖୋଲାଖୋଲି ଭାବରେ ସବୁକିଛି କହିବାକୁ ସମର୍ଥ ହେବେ। ପିଲାମାନଙ୍କ ସହ କେବେବି କରନ୍ତୁ ନାହିଁ ଏମିତି ବ୍ୟବହାର; ହୋଇପାରନ୍ତି ମାନସିକ ରୋଗର ଶିକାର ସକରାତ୍ମକ ଆଚରଣ କରିବା ଜରୁରୀ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ପିଲା ନିଜ କାମ ନିଜେ କରୁଛି ତେବେ ସେ ଭୁଲ୍ କଲେ ମଧ ତାଙ୍କୁ ପ୍ରଶଂସା କରନ୍ତୁ। ତାଙ୍କୁ ଉତ୍ସାହିତ କରନ୍ତୁ। ଏକାଠି ବସି ତାଙ୍କର ପ୍ରିୟ ଟିଭି ଶୋ ଦେଖନ୍ତୁ ଏବଂ ଖେଳନ୍ତୁ। ଦିନରେ ଅତି କମରେ ଏକାଠି ଖାଇବା ପାଇଁ ସମୟ ଦିଅନ୍ତୁ। ଏହି ସମୟ ମଧରେ, ପିଲା ସହ ଟିକେ କଥା ହୋଇପାରିବେ ଏବଂ ତାଙ୍କର ସବୁ କଥା ଶୁଣନ୍ତୁ। ଯେତେବେଳେ ଆପଣ ଘରେ ଅଛନ୍ତି ଏବଂ ଆପଣଙ୍କ ପିଲା ଆପଣଙ୍କୁ କିଛି କହୁଛି ତୁରନ୍ତ ମୋବାଇଲ୍, ଟିଭି କିମ୍ବା ଲାପଟପ୍‌ରୁ ବିରତି ନିଅନ୍ତୁ ଏବଂ ଧ୍ୟାନର ସହ ତାଙ୍କ କଥା ଶୁଣନ୍ତୁ। ଯଦି ଆପଣ ଅଫିସ୍‌ରେ ଅଛନ୍ତି ଏବଂ ଆପଣଙ୍କ ପିଲା ଫୋନ୍ କରୁଛି, ତେବେ ତୁରନ୍ତ ଉଠାଇ ତା' ସହ କଥା ହୁଅନ୍ତୁ।



# କଳାଲୁଣର ଔଷଧୀୟ ଗୁଣ



କଳା ଲୁଣର ଔଷଧୀୟ ଗୁଣରେ ଭରପୁର ହୋଇଥାଏ। ଏଥିରେ ପ୍ରାୟ ୮୦ ପ୍ରକାର ଖଣିଜ ପଦାର୍ଥ ମିଳିଥାଏ। ପେଟର ହଜମ ଶକ୍ତିର ସୁଧାର ପାଇଁ କଳା ଲୁଣ ଅତ୍ୟନ୍ତ ଉପଯୋଗୀ। ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଦୂର କରିବାରେ ସହାୟକ ହୋଇଥାଏ କଳା ଲୁଣ। ଏଥିରେ ଥିବା ସଲଫର ସଲ୍ଟ କାରଣରୁ ସୁଗନ୍ଧ ଆସିଥାଏ। କଳାଲୁଣ ନିଦ୍ରାହୀନତା ମଧ୍ୟ ଦୂର କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରେ ଗରମ ପାଣିରେ କଳାଲୁଣ ମିଶାଇ ଯନ୍ତ୍ରଣା ହେଉଥିବା ସ୍ଥାନରେ ସେକ ଦେଲେ ଆରାମ ମିଳିଥାଏ। କଳା ଲୁଣ ପକାଇ ଗରମ ପାଣିରେ ବାମ୍ପ ନେଲେ କଫ, ସର୍ଦ୍ଦି ଓ କାଶ ଦୂର ହେବାରେ ସହାୟତା ମିଳିଥାଏ। ଲାଲ ଟମାଟୋ ଓ କଳାଲୁଣ ମିଶାଇ କେଶରେ ଲଗାଇଲେ ରୂପି ଖୁବଶୀଘ୍ର ଦୂର ହୋଇଥାଏ। ହୃଦରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ସାଧାରଣ ଲୁଣ ବଦଳରେ କଳା ଲୁଣ ଲାଭଦାୟକ ହୋଇଥାଏ। ଏଥିଷର ଖରାପ କୋଲେଷ୍ଟ୍ରାଲ ଓ ଶର୍କରା ନିୟନ୍ତ୍ରଣ କରିବାରେ ସହାୟତା ମିଳିଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୮ ଜୁନ୍ ୨୦୨୪, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମେଣ୍ଟ ହିଁ ଏକମାତ୍ର ସାହା

ନରେନ୍ଦ୍ର ମୋଦୀ– ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ତୃତୀୟ ଲଗାତର ପାଳିର ଶାସନ ଆରମ୍ଭ କରିବାକୁ ପ୍ରସ୍ତୁତ ଥିବା ଭଳି ଆପାତତଃ ମନେ ହେଉଛି। କିନ୍ତୁ ତାଙ୍କ ସାମ୍ନାରେ ନାହିଁ ୨୦୧୪ କି ୨୦୧୯ର ପରିସ୍ଥିତି । ଏବେ ତାଙ୍କୁ କେବଳ ନିଜ ଦଳ ବିଜେପି ଏକାକୀ ସହାୟ ହୋଇ ପାରିବ ନାହିଁ; ଏଥିପାଇଁ ତାଙ୍କୁ ମେଣ୍ଟର ଅନ୍ୟ ଶକ୍ତିମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ। ଆଉ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ସହଯୋଗୀମାନଙ୍କ ହାତରେ ରହିବ ଖେଳର ଡୋର- ସେମାନେ ସେମାନଙ୍କର ଉପଯୁକ୍ତ ସ୍ଥାନ ଦାବି କରିବାର ସ୍ଥିତିରେ ଅଛନ୍ତି, ବସ୍ତୁତଃ, ସେମାନେ ସେମାନଙ୍କର କାର୍ଯ୍ୟସୂଚୀକୁ ପୂରଣ କରିବା ପାଇଁ ମଧ ବିଜେପିକୁ ବାଧ କରି ପାରିବେ, କାରଣ ସରକାର ଗଠନ କରିବା ପାଇଁ ବିଜେପିର ଆବଶ୍ୟକ ଆଉ ବତିଶଟି ଆସନର ସମର୍ଥନ। ତେଣୁ ବିଜେପିକୁ ମେଣ୍ଟ ସାଥୀମାନଙ୍କ ସହିତ ସମ୍ପର୍କରେ ଅଧିକ ଘନିଷ୍ଠତା ଆଣିବାକୁ ପଡ଼ିବ, ବଦଳାବାକୁ ହେବ ଏନ୍‌ଡିଏର ଢାଞ୍ଚା– ସମ୍ଭବତଃ ସେଇ ଢାଞ୍ଚାରେ, ଯାହା ଥିଲା ଦୁଇ ଦଶନ୍ଧି ପୂର୍ବେ । ଜୁନ୍ ୪ ତାରିଖର ଫଳାଫଳ ପରେ ଏବେ ବିଜେପି ପାଇଁ ମେଣ୍ଟ ଧର୍ମ ପାଳନ କରିବା ବ୍ୟତୀତ ଗତ୍ୟନ୍ତର ନାହିଁ ; ଆଉ ସେଇ ମେଣ୍ଟ ଧର୍ମ ଯାହା ୧୯୯୬ ଏବଂ ୨୦୦୪ରେ ଏନ୍‌ଡିଏ ସରକାର ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀ ପାଳନ କରିଥିଲେ ନେତୃତ୍ୱ ନେବା ସମୟରେ ଏକାଧିକ ଦଳଙ୍କଦ୍ୱାରା ଗଠିତ ସରକାରର । ନରେନ୍ଦ୍ର ମୋଦୀଙ୍କ ପାଇଁ ଏପରି କରିବାର ଏବେ ଜରୁରୀ ଆବଶ୍ୟକତା ରହିଛି, କାରଣ ଚଳିତ ବର୍ଷର ଶେଷ ଭାଗରେ ହରିୟାନା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରରେ ତଥା ଆସନ୍ତା ବର୍ଷ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ରହିଛି। ଅବଶ୍ୟ ବିଜେପି ମହାରାଷ୍ଟ୍ରକୁ ବାଦ୍ ଦେଲେ ଅନ୍ୟ ରାଜ୍ୟଗୁଡ଼ିକରେ ଭଲ ପ୍ରଦର୍ଶନ କରିଛି, ତଥାପି କଂଗ୍ରେସର ଉତ୍‌ଥାନକୁ ଦେଖି ପାଣିପାଗ ଯେ କେତେବେଳେ ବଦଳି ନ ଯିବ, ତାହା କହିହେବ ନାହିଁ । ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାହା କହିଛନ୍ତି ଯେ ସାଉଥ୍ ବ୍ଲକ୍‌ରେ ତାଙ୍କର ତୃତୀୟ ପାଳିରେ ଦୁର୍ନୀତି ହଟାଇବା ଉପରେ ପୂର୍ବାପେକ୍ଷା ଅଧିକ ଜୋର୍ ଦିଆଯିବ, ତାହା ହୁଏତ ତାଙ୍କ ଅନୁଗାମୀମାନଙ୍କ ହୃଦୟକୁ ଅଶେଷ ଆନନ୍ଦ ପ୍ରଦାନ କରିଥିବ, କିନ୍ତୁ ଏଥିପାଇଁ ସେ ଏତେ ପ୍ରତିବନ୍ଧକର ସାମ୍ନା କରିବେ, ଯେତିକି ହୁଏତ ସେ କରି ନଥିବେ ଗୁଜରାଟର ତିନି ଥର ମୁଖ୍ୟମନ୍ତ୍ରୀ ରହିବା ବେଳେ ବା ଦୁଇ ଥର ପ୍ରଧାନମନ୍ତ୍ରୀ ଥିବା ବେଳେ । ଏଥିପାଇଁ ହୁଏତ ଜଣେ ଗଣତନ୍ତ୍ରର ବାଧ୍ୟବାଧକତା ବା ମେଣ୍ଟ ଧର୍ମକୁ ଦାୟୀ କରି ପାରନ୍ତି, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ଜଣେ ଦକ୍ଷ ମଧ୍ୟସ୍ଥି ବା ବୁଝାମଣାକାରୀଙ୍କର ଆବଶ୍ୟକ କରୁଛି ଯିଏକି ତାଙ୍କ ସରକାରକୁ ଆଗାମୀ ପାଞ୍ଚ ବର୍ଷ ସହିତ ତାଙ୍କର ଲକ୍ଷ୍ୟ ହାସଲ କରିବା ଦିଗରେ ସୁରୁଖୁରୁରେ ଚଳାଇ ନେବ। ଆଜିକା ସମୟରେ କ୍ୱଚିତ୍ କେହି ଅସହମତ ହେବେ ଯେ ମୋଦୀ ସରକାରଙ୍କର ପ୍ରଥମ ଦୁଇ ପାଳି ପରିଚିହ୍ନିତ ହୋଇ ଆସିଛି ବ୍ୟବସ୍ଥାପିକାକୁ ଏକ ରବର ଷ୍ଟାମ୍ ଭାବରେ କାର୍ଯ୍ୟ ପାଳିକାର ବିବେଚନା ଦ୍ୱାରା । ସଦନରେ ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ଅଳ୍ପ କିଛି ଘଣ୍ଟାର ନୋଟିସ୍‌ରେ ଆଗତ କରାଯାଉଥିଲା ଏବଂ ସଂସଦର ସଦସ୍ୟମାନେ କେଉଁ ବିଷୟ ଉପରେ ବିତର୍କ କରିବାକୁ ଯାଉଛନ୍ତି ତଥା ଆଇନ ପାରିତ କରିବାକୁ ଯାଉଛି, ସେ ବିଷୟରେ କଦାଚିତ୍ କିଛି ଆଭାସ ପାଉଥିଲେ। ସଂସଦ ଏବଂ ସଂସଦୀୟ କମିଟି– ଯାହାକୁ ଛୋଟ ସଂସଦ ବୋଲି କୁହାଯାଇଥାଏ- ଗୁଡ଼ିକରେ ବିରୋଧୀମାନଙ୍କ ସ୍ୱରକୁ ଦଳି ମକଚି ଦିଆ ଯାଉଥିଲା। ବର୍ତ୍ତମାନ ଯେହେତୁ ଏହା ନିକଟରେ ସଂଖ୍ୟାଗରିଷ୍ଠତାର ଅଭାବ ରହିଛି, ତେଣୁ ଏହାକୁ ନିଜର ପଦ୍ଧତିରେ ସଂଶୋଧନ ଆଣିବାକୁ ପଡ଼ିବ। ଗତ ପାଳିରେ ମୋଦୀ ସରକାରଙ୍କର ଦୁର୍ନୀତି ବିରୋଧୀ ପଦକ୍ଷେପଗୁଡ଼ିକ ଉଭୟ ଆଇନ ଓ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିମାନଙ୍କ ଅପବ୍ୟବହାର ଦ୍ୱାରା ପରିଚିହ୍ନିତ। ମୂଳତଃ ଡ୍ରଗ୍ ମାଫିଆମାନଙ୍କୁ ଜବତ କରିବାକୁ ଏକ ମଧ୍ୟଯୁଗୀୟ ବର୍ବରତା ଭଳି ପ୍ରସ୍ତୁତ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆଇନ, ଯେଉଁ ଆଇନ ବଳରେ ଥରେ ଗିରଫ ହେଲେ ଜାମିନ ପାଇବା ପ୍ରାୟତଃ ଅସମ୍ଭବ, ତାକୁ ପୂର୍ବ ପାଳିରେ ଅନେକ ରାଜନେତାଙ୍କ ବିରୋଧରେ ଏତେ ମାତ୍ରାରେ ପ୍ରୟୋଗ କରାଗଲା ଯେ କୋର୍ଟମାନେ ମଧ ଆଶ୍ଚର୍ଯ୍ୟ ପ୍ରକଟ କଲେ- କେଉଁସବୁ ପ୍ରମାଣ ରହିଛି ପ୍ରତିପକ୍ଷମାନଙ୍କ ବିରୋଧରେ ସେମାନଙ୍କୁ ଜେଲ୍‌ର ଚାରିକାନ୍ଥ ଭିତରକୁ ପଠାଇବାକୁ ! ଦୁର୍ନୀତିଗ୍ରସ୍ତଙ୍କୁ ନୁହେଁ, ବରଂ ବିରୋଧୀ ଏବଂ ଅସନ୍ତୁଷ୍ଟମାନଙ୍କୁ ସାବାଡ଼ କରିବାକୁ ଏହା ପ୍ରୟୋଗ କରାଯାଉଥିବାର ପ୍ରତିବଦ୍ଧତାକୁ ଏହା ଦର୍ଶାଇଲା। ତେବେ ଶ୍ରୀଯୁକ୍ତ ମୋଦୀ ଯେତେବେଳେ ରାଜନୀତିକ ଲୋଭ ଯୋଗୁଁ 'ଦୁର୍ନୀତିର ଦୁର୍ଦ୍ଦଶାକୁ ଦୂର କରିବା ଏକ ଦୁରୂହ କାର୍ଯ୍ୟ' ତଥା ଏହାକୁ ଦୂର କରିବାର ଅଭିଯାନରେ ପ୍ରଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ, ସେତେବେଳେ ଅବଶ୍ୟ ସେ ଠିକ୍ କହିଥିଲେ। ଏଥିରେ ଦ୍ୱିମତ ନାହିଁ ଯେ ଅତ୍ୟଧିକ ଧନ ଅର୍ଜନ କରିବାର ଲୋଭ ମୂଳରେ କୁଠାରାଘାତ କରିବା ହିଁ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ନିମନ୍ତେ ଅଧିକ ସମ୍ବଳ ଯୋଗାଇ ପାରିବ । କିନ୍ତୁ ଦେଖିବାର କଥା, ଶ୍ରୀଯୁକ୍ତ ମୋଦୀ ତାଙ୍କର ୩.୦ରେ ନିଜର କଥାକୁ କେତେଦୂର କାର୍ଯ୍ୟରେ ପରିଣତ କରି ପାରୁଛନ୍ତି।

# ସୃଷ୍ଟି ଓ ସମାଜର ଆତ୍ମା -ନାରୀ'

### ଶ୍ରୀମତୀ ସ୍ୱାଗତିକା ସାହୁ

'ଯା ଦେବୀ ସର୍ବଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା,
ନମସ୍ତସୈ ନମସ୍ତସୈ
ନମସ୍ତସୈ ନମୋ ନମଃ'।

ପୁରୁଷ ଓ ନାରୀର ସମନ୍ୱୟରେ ହିଁ ମାନବ ସମାଜର ଆତ୍ମପ୍ରକାଶ ହୋଇଥାଏ। ସମାଜର ସୁପରିଚାଳନା, ପାରିବାରିକ ଜୀବନର ମହନୀୟତା ଓ ବିଶ୍ୱ କଲ୍ୟାଣ ନିମିତ୍ତ ନାରୀ ଓ ପୁରୁଷର ଉଭୟଙ୍କର ସୁଗୁଣାବଳୀର ଅବଦାନ ସ୍ୱିକାର୍ଯ୍ୟ। ତେଣୁ ନାରୀ ଓ ପୁରୁଷଙ୍କ ଦାନରେ ସମାଜ ସର୍ବଦା ସମୃଦ୍ଧ। ଭାରତୀୟ ସଂସ୍କୃତିରେ ନାରୀ ଜାତି ଦେବୀ ଭାବ ରେ କେଉଁ ପ୍ରାଚୀନ କାଳରୁ ପୂଜିତା ହୋଇ ଆସିଛନ୍ତି ।

ଏଣୁ ଶାସ୍ତ୍ର କହେ,
'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ,
ରମନ୍ତେ ତତ୍ର ଦେବତାଃ'

ଯେଉଁ ଠାରେ ନାରୀ ମାନେ ପୂଜିତ ହୁଅନ୍ତି, ସେଠାରେ ଦେବତା ମାନେ ଉପସ୍ଥିତ ରହି ଆଶିଷ ପ୍ରଦାନ କରି ଥାନ୍ତି। ନାରୀ ହିଁ ସର୍ବଂ ସହା ଏବଂ ସର୍ବ ଗୁଣ ସମ୍ପନ୍ନ । ନାରୀ ହିଁ ସବୁଠି ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି, ଆନନ୍ଦ, ଉଲ୍ଲାସ, ଅନୁରାଗ, ଦୟା କ୍ଷମା କରୁଣାର ପ୍ରବାହ ଉଦ୍ରେକ କରାଇ, ମାନବ ଚିନ୍ତା ଚେତନା ସ୍ପନ୍ଦନ ଆହ୍ୱାନର ଧାରା ପ୍ଲାବନ ଖେଳାଇ ଜୀବନ ଯାତ୍ରା ରେ ଅଭିନୟ କରି ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶିତା ପାଇଁ ଗଭୀର ଆତ୍ମବିଶ୍ଳେଷଣର ଆବଶ୍ୟକତା ରଖେ । ନାରୀ ହିଁ ଆମର ସାମାଜିକ ଅର୍ଥନୈତିକ, ତଥା ସାଂସ୍କୃତିକ ଜୀବନକୁ କରେ ମକ୍ଷଧୁମୟ। ମାଧୁର୍ଯ୍ୟ ପ୍ଲାବନ ବୋଲି ସମାଜରେ ସବୁଠାରେ ମଣିଷର ଆଚରଣ, ବିଧି, ବ୍ୟବସ୍ଥା, ଧର୍ମ ସଂସ୍କୃତି, ଆଧ୍ୟାତ୍ମିକତା ଚେତନା ଜାଗ୍ରତ କାରୀ ଶିକ୍ଷଣୀୟତା ଇତ୍ୟାଦି ସମସ୍ତ ପ୍ରକାର ମାନସିକ ଅଭୀପ୍ସା ର ପୂରଣ ପାଇଁ ପ୍ରତିଶ୍ରୁତି ବହନ କାରୀ ଅନ୍ୟତମ ଆକର୍ଷଣ ହିଁ ନାରୀ। ଏଥି ପାଇଁ ସମାଜ ଗଠନ ସାମାଜିକ ପରିବର୍ତ୍ତନ ଆନୟନ, ଜୀବନ ଧାରା, ଆଦର୍ଶ, ଉତ୍ତମ ଚଳନୀ ପରି ନାନା ଦିଗରେ ଗଭୀର ପ୍ରଭାବ ରଖେ ।

ସୁସ୍ଥ ନିରାମୟ ସୁନ୍ଦର ସମାଜ ଗଠନ କରିବାରେ ତଥା ସାମାଜିକ ପରିବର୍ତ୍ତନ ଆନୟନରେ ନାରୀ ମାନଙ୍କର ଭୂମିକା ହିଁ ସର୍ବାଧିକ ଗୁରୁତ୍ୱ ପୂର୍ଣ୍ଣ । ଜନନୀ ଭାବରେ ନାରୀ ସୃଜନୀ ଶକ୍ତି ଧାରିଣୀ । ସେ ସୃଜନ କାରିଣୀ । ସନ୍ତାନ ଜନ୍ମ ଓ ପାଳନ ପୋଷଣ କରି ସେ ପିଲା ମାନଙ୍କୁ ମଣିଷ କରି ଗଢେ। ଶିଶୁର ପ୍ରଥମ ଶିକ୍ଷୟିତ୍ରୀ ଭାବରେ ଯେପରି ଶିକ୍ଷା ଦିଏ, ବ୍ୟକ୍ତି ନିଜର ଭବିଷ୍ୟତ ଜୀବନକୁ ସେହି ପରି ଗଢିବେ। ଏଥି ପାଇଁ ସମାଜକୁ ଉତ୍ତମ ବ୍ୟକ୍ତି, ଆଦର୍ଶ, ମନୁଷ୍ୟ, ପ୍ରଦାନ କରିବାକୁ ନାରୀ ହିଁ ଅଗ୍ରଣୀ ଭୂମିକା ଗ୍ରହଣ କରି ଥାଏ। ଶିଶୁ ସର୍ବ ପ୍ରଥମେ ଜନନୀ କୋଳ ରେ ହିଁ ତାର ଅଧିକାଂଶ ସମୟର ବିତାଏ। ଶିଶୁ ମାନେ ଜନନୀ ଠାରୁ ମାତୃ ଭାଷା ଶିକ୍ଷା କରି ଥାନ୍ତି। ସେହି ମାତୃଭାଷା ମାଧ୍ୟମରେ ହିଁ ପ୍ରଥମେ ସମାଜରେ ଚଳିବା ପାଇଁ ସାମାଜିକ ବିଧି ବ୍ୟବସ୍ଥା, ନିଜର ସମାଜରେ ଅଧିକାର ଓ ସମାଜ ପ୍ରତି କର୍ତ୍ତବ୍ୟ, ଶିଷ୍ଟାଚାର ଆଦର୍ଶ, ନୀତି ନିୟମ, ପାଳନ ସଂସ୍କୃତି, ଚେତନା ମୂଳକ ସ୍ପନ୍ଦନ ଇତ୍ୟାଦି ଯାବତୀୟ ଧାରଣା ପ୍ରାପ୍ତ ହୋଇ ଥାଏ ତେଣୁ ସମାଜ ଗଠନରେ ଏବଂ ପରିବର୍ତ୍ତନରେ ନାରୀର ସ୍ଥାନ ସର୍ବୋପରି। ନାରୀ ନାରାୟଣୀ - ସେ ଶକ୍ତିସ୍ୱରୂପା। ସେ ଅବଳା ମାତ୍ର ଦୁର୍ବଳା ନୁହେଁ। ନାରୀ ସୀତାଙ୍କ ପରି ସତୀ, ନାରୀ ଧରିତ୍ରୀ ପରି ସର୍ବଂସହା, ନାରୀ ଅନୁସୂୟାଙ୍କ ପରି ପତିବ୍ରତା, ସେ ମଧ କାଳୀଙ୍କ ପରି ଉଗ୍ରଚଣ୍ଡୀ, ଖଣ୍ଡାଖର୍ପର ଧାରିଣୀ। ନାରୀ ଏକାଧାରରେ ଜାୟା, ଜନନୀ, ଓ ଭଗିନୀ। ସମାଜର ବିବିଧ କାର୍ଯ୍ୟରେ ନାରୀର ପ୍ରୟୋଜନୀୟତା ରହିଛି। ନାରୀ ସମାଜର ପ୍ରଗତିରେ ଦେଶ ଓ ଜାତିର ପ୍ରଗତି। ନାରୀର ସ୍ଥାନ ସମାଜରେ ବହୁ ଉପରେ।

ସ୍ୱାମୀ ବିବେକାନନ୍ଦଙ୍କ ମତରେ :-

'ଯେଉଁ ଦେଶ ନାରୀ ସମାଜକୁ ସମ୍ମାନ ଦିଏ ନାହିଁ, ସେ କେବେ ମହାନ୍ ହୋଇପାରିନାହିଁ, ଯେହେତୁ ଆମେ ଶକ୍ତିଙ୍କର ଜୀବନ୍ତ ପ୍ରତିମାକୁ ସମ୍ମାନ ଦେଇ ଶିଖି ନାହୁଁ। ଯେଉଁ ଜାତି ସେହି ଦେବିଶକ୍ତି ସମ୍ପନ୍ନା ନାରୀ ସମାଜକୁ ଉତ୍ଥାନ କରିପାରେ ନାହିଁ ; ସେହି ଜାତିର ଉତ୍ଥାନ ହେବା ଆଦୌ ସମ୍ଭବ ନୁହେଁ।' ସମାଜକୁ ଶିକ୍ଷା ପ୍ରେରଣା ଉତ୍ସାହ ଓ ମାର୍ଗ ଦର୍ଶନ ଦେବାରେ, ସମାଜକୁ ପ୍ରେରଣା ଦାୟକ ଉତ୍ସାହ ବାକ୍ୟ, ଗଠନ ମୂଳକ ମନୋଭାବ ଆଦର୍ଶ ନୀତି ପାଳନ, ନୈତିକ ମୂଲ୍ୟଯୁକ୍ତ କରି ଗଢିବା, ସମସ୍ତ ପ୍ରକାର ଶୁଭ କାର୍ଯ୍ୟରେ ପ୍ରସ୍ତୁତି ବା ସହିତ ଅନ୍ୟାନ୍ୟ ଅନେକ ସାମାଜିକ ସ୍ତର ରେ ସହାୟତା କରେ ଏଇ ନାରୀ । ସାମାଜିକ ସ୍ଥିତି ଅନୁଧ୍ୟାନ, ଆଶା ଭରସା ଆକାଂକ୍ଷାର ଉତ୍ତରଣ କ୍ଷେତ୍ରରେ, ମଣିଷ ଜୀବନ ଯାତ୍ରା ରେ ପାରମ୍ପରିକ ସାମାଜିକ ଉନ୍ନତି ଆଣିବା ପାଇଁ ଗଭୀର ପ୍ରଭାବ ପକାଇବା ସହିତ ଶ୍ରମଦାନ ପରି ଅନେକାନେକ କାର୍ଯ୍ୟ ରେ ମହିଳା ମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରି ଛନ୍ତି । ଏକ ଦୃଢ଼ ଓ ସଶକ୍ତ ସମାଜ ଗଠନ କରିବା ଦିଗରେ ପ୍ରଚେଷ୍ଟା ନିଷ୍ଠା ସହକାରେ ରେ ଉଦ୍ୟମ ରତ ହୋଇ ଥାନ୍ତି ଏହି ମହିଳାମାନେ ହିଁ । ସମାଜ ରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବହୁ ବିଦ୍ଧ ସହାୟତା ଆଦିରେ ଅବଦାନ ଅତୁଳନୀୟ ଏବଂ ସମାଜରେ ସାମାଜିକ ଉନ୍ନତି ଦିଗରେ ପ୍ରଚେଷ୍ଟା ଜାରି ରଖି ପରିବର୍ତ୍ତନ ଆଣିବାରେ ନାରୀ ହିଁ ଅଗ୍ରଣୀ । ବିଭିନ୍ନ ପ୍ରକାରର ସଂଗଠନ, ସହାୟକ ଗୋଷ୍ଠୀ, ସମସ୍ତଙ୍କୁ ଆନ୍ତରିକ ଆହ୍ୱାନ ମୂଳକ ମନୋଭାବ ର ବ୍ୟାପକ ବ୍ୟବହାର କରି ମହିଳା ମାନେ ହିଁ ଏ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରି ଥାନ୍ତି। ସାମାଜିକ ମୂଲ୍ୟବୋଧ ଭିତ୍ତିକ ଜାଗରଣ ଆଣିବା ଲାଗି ସମାଜ ରେ ବିଭିନ୍ନ ପ୍ରକାର ସଚେତନତା, ମୂଲ୍ୟବୋଧ ଭିତ୍ତିକ ଜାଗରଣ ଆଣିବା ପାଇଁ କି ଚେଷ୍ଟା, ଉଦ୍ୟମ ନିଷ୍ଠା ସହକାରେ ପୂଜା, ଓଷା ବ୍ରତ, ଉପବାସ ପାଳନ କରି ଥାନ୍ତି। ସମାଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ପ୍ରଚେଷ୍ଟା ଉଦ୍ୟମ ନିଷ୍ଠା ସହକାରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରି ବେଶ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଅଗ୍ରଗତି କରି ସାଫଲ୍ୟ ଅର୍ଜନ କରିଛନ୍ତି ଏଇ ନାରୀଗଣ ।

ବୈଦିକ ଯୁଗରୁ ଆଜିର ଡିଜିଟାଲ ଜ୍ଞାନ କୌଶଳ ଯୁଗ ଯାଏଁ ନାରୀ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷର ସମକକ୍ଷ ହେଇପାରିଛି। ନାରୀ ହିଁ ଅଜ୍ଞାନ ଅନ୍ଧକାରରେ ବୁଡ଼ିଯାଉଥିବା ସମାଜକୁ ଜ୍ଞାନ ତଥା ନିଜର ନିଷ୍ଠା, ପରାକାଷ୍ଠା ବଳରେ ଉତ୍ଥାନ କରିଛି ଜନନୀ ରୂପରେ। ନାରୀ ତାର ଶିଶୁକୁ ଲାଳିତ ପାଳିତ କରି ବଡ଼ କରେ, ଭଲ ଶିକ୍ଷା ଦିଏ, ସୁନାଗରିକ କରି ଗଢ଼ି ତୋଳିବାର ସ୍ୱପ୍ନ ଭରିଦିଏ। ଯେପରି ଜୀଜାବାଇଙ୍କର ପ୍ରଭାବ ଶିବାଜୀଙ୍କ ଉପରେ ପଡିଥିଲା, ପୁତଳିବାଇଙ୍କର ପ୍ରଭାବ ଯେପରି ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ଉପରେ ପଡ଼ିଥିଲା। ସେହିପରି ନାରୀ ମାନେ ଯଦି ଶିକ୍ଷିତ ହୁଅନ୍ତି, ଗୁଣବତୀ ହୁଅନ୍ତି, ଆଧ୍ୟାତ୍ମିକ ଶିକ୍ଷାରେ ବଳିଷ୍ଠ ହୁଅନ୍ତି, ତେବେ ସନ୍ତାନ ମାନେ ଦେଶର ନିଷ୍ଚୟ ଭବିଷ୍ୟତ ହେଇ ବାହାରିବେ।

ନାରୀ ହେଉଛି ପ୍ରକୃତି। ସେ ପୁରୁଷକୁ କର୍ମଚଂଚଳ କରେ। ପୁରୁଷକୁ ଗ୍ରହଣକ୍ଷମ ଓ ପ୍ରଶାନ୍ତ କରାଏ। ନାରୀ ହେଉଛି ଗୃହର ଲକ୍ଷ୍ମୀ, ସର୍ବମୟ କର୍ତ୍ତୀ । ଗୃହ ଅର୍ଥନୀତି, ଶିକ୍ଷା, ଚଳନି, ପ୍ରୀତି, ସ୍ନେହ, ବଞ୍ଚିବା ଓ ବଢିବା ନାରୀ ଉପରେ ନିର୍ଭର କରେ; ତେଣୁ ନାରୀର ଉପଯୁକ୍ତ ଶିକ୍ଷା ଏକାନ୍ତ ପ୍ରୟୋଜନୀୟ। ଯଥାର୍ଥରେ ନାରୀ ଯଦି ସୁମତି ଓ ସୁଶିକ୍ଷାକୁ ଆଦରି ନେବ ସେ ସମାଜକୁ ପରିବର୍ତ୍ତନ କରିପାରିବ। ଯେଉଁଠାରେ କଲ୍ୟାଣମୟୀ, ଶକ୍ତିମୟୀ ନାରୀ ସମ୍ମାନର ଅଧିକାରିଣୀ ସେଠାରେ ଦେବତା ପ୍ରସନ୍ନ ହୁଅନ୍ତି। ବୈଦିକ ଯୁଗରେ ନାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିଛି। ଶାସ୍ତ୍ରୀୟ ଜ୍ଞାନ ଓ ସାମାଜିକ ଦିଗରେ ନାରୀର ତ୍ୟାଗ ପୂତ, ଆଦର୍ଶ ଜୀବନ ପ୍ରତିଭାତ ହୁଏ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଗାର୍ଗୀ, ମୈତ୍ରୀ ସୀତା, ସାବିତ୍ରୀ ଆଦର୍ଶ ପ୍ରତିନିଧି ରୂପେ ପରିଗଣିତା । ସେହିପରି ଐତିହାସିକ ଦିଗରେ ଦୃଷ୍ଟି ନିକ୍ଷେପ କଲେ ରାଣୀ ଲକ୍ଷ୍ମୀବାଈ, ପଦ୍ମିନୀ, ଶୁକଦେଈ, ଦୁର୍ଗାବତୀ ଆଦି ବୀରାଙ୍ଗନା ଙ୍କର ବୀରତ୍ୱର ପରାକାଷ୍ଠା ଅନୁଭୂତ ହୋଇଥାଏ। ନାରୀର ଦକ୍ଷତାଅନୁଯାୟୀ ପୁରୁଷ ପ୍ରାଧାନ୍ୟ ଦେଶରେବାଧା, ବିଘ୍ନର ସମ୍ମୁଖୀନ ହୋଇ ମଧ ପୁରୁଷ ସହିତ ତାଳମିଳାଇ ଚାଲିପାରୁଛି ।

ଶାସ୍ତ୍ରମତେ
'ଆଦୌ ପ୍ରକୃତି ଉଚାର୍ଯ୍ୟ
ପଶ୍ଚିମେ ପୁରୁଷ'

ଅର୍ଥାତ୍ ପ୍ରଥମେ ପ୍ରକୃତି ଦ୍ୱିତୀୟେ ପୁରୁଷ । ଯାହାର ଜ୍ୱଳନ୍ତ ନିଦର୍ଶନ ଆମର ପୂଜିତ ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣ, ସୀତାରାମ । କୌଣସି ଗୁଣରେ ନାରୀ ପୁରୁଷଙ୍କଠାରୁ ନ୍ୟୁନ ନୁହେଁ। ନାରୀ ସୁଲଭ ଗୁଣରେ ସୀମା ସର ହଦ ମଧରେ ରହି ସମସ୍ତ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିଥାଏ। ନାରୀର ଉଚ୍ଚଶିକ୍ଷା ଯଦି ନଥାଏ ତେବେ ମଧ, ସଂସ୍କୃତି ସଂପନ୍ନା ଶକ୍ତିମୟୀ। ତା'ର ମାତୃତ୍ୱ, ସ୍ତ୍ରୀତ୍ୱ, ଭଗ୍ନୀତ୍ୱରେ ନାରୀ ଜୀବନର ସାର୍ଥକତା ଖୋଜିଥାଏ। ନାରୀ ଧୈର୍ଯ୍ୟ, ସହିଷ୍ଣୁତା, ଦୟା, କ୍ଷମାର ଅଧିକାରିଣୀ । ନାରୀର ଭୂଷଣ ଲଜ୍ୟା, ତ୍ୟାଗ ସହୃଦୟତା ନାରୀ ଫୁଲ ପରି ତାହାର ସୁଗୁଣରେ ପରିବାର ଓ ସମାଜରେ ବାସ୍ନା ବିତରଣ କରି ବାସ୍ନାୟିତ କରିବାକୁ ସତତ ଚେଷ୍ଟିତ। ତେଣୁ ଯଥାର୍ଥରେ କୁହାଯାଇଛି

'ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ଅଙ୍ଗ ଆଭରଣ, ଧରା ତଳେ ନୁହେଁ କେବେ ନାରୀର ଭୂଷଣ, ହୃଦୟର ବିକଶିତ ସଦଗୁଣ ନିଚୟ,

ଚିର ଅମଳିନ ତା'ର ହେଉ ଯେ ସଞ୍ଚୟ' ।

ନାରୀ, ସର୍ବଂସହା ଧରିତ୍ରୀ, ସୃଷ୍ଟିକାରିଣୀ

ସଂହାରକାରିଣୀ । ନାରୀ କନ୍ୟା, ଭଗିନୀ, ଜନନୀ, ଜାୟା, ଶାଶୁର କର୍ତ୍ତବ୍ୟ ବହୁତ ଧୈର୍ଯ୍ୟ ସହକାରେ ନିର୍ବାହ କରିବା ସହିତ ନିଜେ ଚାକିରି କରି ପରିବାରର ଆର୍ଥିକସ୍ଥିତି ବଜାୟ ରଖିଥାନ୍ତି । ଦେଶର ପ୍ରତ୍ୟେକ ବିଭାଗରେ ନାରୀ ତା'ର ଦକ୍ଷତା

ପ୍ରଦର୍ଶନ କରି ସମାଜରେ ପରିବର୍ତ୍ତନର ସ୍ରୋତ ପ୍ଲାବିତ କରିଚାଲିଛି। ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ କରିଛି। ନାରୀ ଉନ୍ନତିରେ ପରିବାର, ସମାଜ

ଦେଶ ମଧ ଗର୍ବ ଅନୁଭବ କରେ । କ୍ଷମତାସୀନ ପଦବୀରେ ରହି ଭଲ ମନ୍ଦ ର ବିଚାର କରି ସମାଜର ବିଚାରଧାରାକୁ ପରିବର୍ତ୍ତନ କରିଥାଏ । ନିଜର ଦକ୍ଷତା ଅନୁସାରେ ପରିବାର, ସମାଜ, ଦେଶର ବିକାଶ ପ୍ରତି ଯତ୍ନଶୀଳ ହେବା ସଙ୍ଗେ ସଙ୍ଗେ

ସକାରାତ୍ମକ ମନୋବୃତ୍ତି ନେଇ କାର୍ଯ୍ୟ କରିଥାଏ।

କହିବା ବାହୁଲ୍ୟ ଯେ, ନାରୀର ସହଯୋଗ ତଥା ତା'ର ମହତ୍ତ୍ୱ ମାନବ ଜୀବନରେ ଉନ୍ନତି ଓ ବିକାଶ ପାଇଁ ସର୍ବଦା ଅନିବାର୍ଯ୍ୟ।ମାର ମମତା, ସହଧର୍ମିଣୀର ସମର୍ପଣ, ଭଗ୍ନୀର ସୌଜନ୍ୟ, କନ୍ୟାର କୋମଳ କଥା..ଇତ୍ୟାଦି ପୁରୁଷର ଅନ୍ତରକୁ ସନ୍ତୋଷ ପ୍ରଦାନ କରୁଛି। ଏଇ ପରିପ୍ରେକ୍ଷୀରେ ନାରୀର ମହତ୍ତ୍ୱ ତଥା ଶ୍ରେଷ୍ଠତ୍ୱ

ବିଚାର କଲେ ସ୍ପଷ୍ଟ ଅନୁମେୟ ହେବ ଯେ - କଳା କୌଶଳ, ସଙ୍ଗୀତ, ଗାନ, ଅଭିନୟ, ନୃତ୍ୟ ପରିବେଷଣ, ପ୍ରତିଭା ଏବଂ ଆକର୍ଷତା.. ଇତ୍ୟାଦି କ୍ଷେତ୍ରରେ ନାରୀ ଖୁବ୍ ପାରଦର୍ଶୀତା ହାସଲ କରିଛି। ସଞ୍ଜମ ଆଚରଣ ଓ ବୁଦ୍ଧିମତ୍ତାର ପରିଚୟ ଦେବା ସଙ୍ଗେ ସଙ୍ଗେ ସମାଜର ପ୍ରତି କ୍ଷେତ୍ରରେ ପୁରୁଷମାନଙ୍କ ସହିତ ପାଦରେ ପାଦ ମିଶାଇ କାର୍ଯ୍ୟ କରୁଛନ୍ତି। ଶ୍ରେଷ୍ଠକୁ ଶ୍ରେଷ୍ଠତ୍ୱ ନ ମିଳିଲେ ମଧ ଅନ୍ତତଃ ସମତା ମିଳିବା ଉଚିତ, ଅର୍ଥାତ୍ ନାରୀ ଜାତିର ମହାନ୍ ଗୁଣକୁ ସମ୍ମାନ ଦେବାପାଇଁ ଏ ସମାଜ କୁଣ୍ଠିତ। ସେମାନଙ୍କୁ ଘରର ବନ୍ଦିନୀ, ପରଦାର ପ୍ରତିମା ଅଥବା ପଦଦଳିତ ରୂପେ ନରଖି ବରଂ ତାଙ୍କୁ ସ୍ୱତନ୍ତ୍ରତା, ଶିକ୍ଷା ଏବଂ ସୁବିଧା ପ୍ରଦାନ କରିବା ଉଚିତ। ଯେଉଁ ପରିବାର, ସମାଜ ଓ ଦେଶ ନାରୀକୁ ଉଚିତ ଅଧିକାର ପ୍ରଦାନ କରି ତା'ର ଉନ୍ନତି ତଥା ବିକାଶ ପାଇଁ ସୁଯୋଗ ସୃଷ୍ଟି କରି ତାକୁ ସହଯୋଗୀ ରୂପେ ଗ୍ରହଣ କରିନିଏ, ସେହି ପରିବାର, ସମାଜ ଓ ରାଷ୍ଟ୍ରରେ ସୁଖ, ଶାନ୍ତି ତଥା ସମୃଦ୍ଧି ବିରାଜିତ ହୁଏ।

ସମାଜର ନିର୍ମାଣ ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ମିଳନରେ ହିଁ ହୋଇଥାଏ।ଏଣୁ ସମାଜର ସମ୍ୟକ୍ ପ୍ରଗତି ପାଇଁ ସ୍ତ୍ରୀ ପୁରୁଷଙ୍କର ସମାନ ବିକାଶ ହେବା ଆବଶ୍ୟକ ।

ଯଦିଓ ଭାରତର ଜନସଂଖ୍ୟାର ଅର୍ଦ୍ଧେକ ଭାଗ ହେଉଛନ୍ତି ନାରୀ, ତଥାପି ନାରୀ ପରାଧିନତାର କରାଳ ଛାୟା ଭାରତୀୟ ସମାଜକୁ ଗ୍ରାସ କରି

ରଖିଅଛି। ସମାଜର ଅର୍ଦ୍ଧାଂଶ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ମହିଳାମାନଙ୍କ ପ୍ରତି ନାହିଁ ନ ଥିବା ଅତ୍ୟାଚାର ତଥା ଶୋଷଣ କରାଯାଉଛି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ରମ୍ଭା ତୃତୀୟା



### ଡ଼ଃ.ଅରୁନ୍ଧତୀ ଦେବୀ

ଭାରତୀୟ ଆଧ୍ୟାତ୍ମିକ ଚେତନାରେ ବିଭିନ୍ନ ଏକାଦଶୀ ଓ ତୃତୀୟା ବ୍ରତର ଗୁରୁତ୍ୱ ରହିଛି। ଏହି ପବିତ୍ର ତିଥିରେ ଭଗବାନ ବିଷ୍ଣୁ ଓ ମା'ଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ। ଜ୍ୟେଷ୍ଠ ଶୁକ୍ଳ ତୃତୀୟା ରମ୍ଭା ତୃତୀୟା ନାମରେ ଖ୍ୟାତ। ଏହା ଅପସରା ରମ୍ଭାଙ୍କ ନାମରେ ନାମିତ। ଏହିଦିନ ପାଳିତ ହେଉଥିବା ବ୍ରତର ନାମ ମଧ ରମ୍ଭାତୃତୀୟା ବ୍ରତ। ରମ୍ଭା, ମେନକା ଓ ଉର୍ବଶୀ ତିନି ଅପରୂପା ଅପସରୀ। ଏ ତିନି ଅପସରୀଙ୍କ ମଧ୍ୟରୁ ରମ୍ଭା ସୁବୁଠୁ ସୁନ୍ଦରୀ। ଭବିଷ୍ୟତ ପୁରାଣ ଅନୁସାରେ ଦେବୀ ପାର୍ବତୀଙ୍କର ଆଗ୍ରହ ଫଳରେ ଲୋକକଲ୍ୟାଣ ନିମନ୍ତେ ଭଗବାନ ଶଙ୍କର ଏହି ବ୍ରତର ବିଧାନ କହିଥିଲେ।

ଜ୍ୟେଷ୍ଠ ଶୁକ୍ଳ ତୃତୀୟା ପରି, ମାର୍ଗଶିର ଶୁକ୍ଳ ତୃତୀୟାରେ ଆରମ୍ଭ ହେଉଥିବା ଆଉ ଏକ ରମ୍ଭା ତୃତୀୟା ବ୍ରତକଥା ମଧ ଅଛି। ଏହି ବ୍ରତ ସାରା ବର୍ଷର ଶୁକ୍ଳ ତୃତୀୟାରେ କରାଯାଏ। ଏହା ଅନୁସାରେ, ଉଭୟ ସ୍ତ୍ରୀ ଓ ପୁରୁଷ ଏହି ବ୍ରତ କରିପାରିବେ। ସକାଳୁ ଉଠି ଭକ୍ତପୂର୍ବକ ସାରା ବର୍ଷ ଏହି ବ୍ରତ ପାଳନ ନିମନ୍ତେ ସଂକଳ୍ପ କରାଯାଏ। ପ୍ରାର୍ଥନା କରାଯାଏ ହେ ଦେବୀ, ମୁଁ ବର୍ଷର ବାରଟିଯାକ ମାସର ଶୁକ୍ଳ ତୃତୀୟାରେ ଏହି ବ୍ରତ ପାଳନ କରିବି। ଶିବ ପାର୍ବତୀ ଓ ଲକ୍ଷ୍ମୀ ଏହି ବ୍ରତର ଉପାସ୍ୟ। ଏହି ଦିନ ଲକ୍ଷ୍ମୀ-ନାରାୟଣଙ୍କୁ ଧ୍ୟାନ କରି ବ୍ରତ ରଖୁଥିବା ବ୍ୟକ୍ତିର ଅଶେଷ ପୂଣ୍ୟଫଳ ପ୍ରାପ୍ତ ହୋଇଥାଏ। ବିଶ୍ୱାସ ରହିଛି ବ୍ରତଧାରୀ ସମସ୍ତ ପାପକର୍ମର ପ୍ରଭାବରୁ ମୁକ୍ତ ହୋଇ ଉତ୍ତମ ଲୋକର ସ୍ଥାନ ପାଇଥାଏ। ଏହି ବ୍ରତ ପୂଜା କରିବା ସହ ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ କରାଯାଏ।

ତେବେ ଏହି ବ୍ରତର ଏକ ବିଶେଷତ୍ୱ ହେଉଛି - ଭିନ୍ନ ଭିନ୍ନ ମାସର ବ୍ରତପାଳନର ବିଧି ଭିନ୍ନ। ମାର୍ଗଶୀର ମାସରେ ପାର୍ବତୀଙ୍କୁ ଏବଂ ପୌଷମାସରେ ଗୌରୀଶ୍ୱର ଶିବଙ୍କୁ ପୂଜା କରାଯିବା ପରେ ମାଘ ମାସରୁ ବୈଶାଖ ମାସ ପର୍ଯ୍ୟନ୍ତତ ଯଥାକ୍ରମେ ସୁଦେବୀ, ଗୌରୀ, ବିଶାଳାକ୍ଷୀ ଓ ଶ୍ରୀମୁଖୀ ନାମରେ ପାର୍ବତୀଙ୍କୁ ପୂଜା କରାଯାଏ। ସେହିପରି ଆଷାଢ଼ ଠାରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଯଥାକ୍ରମେ ମାଧବୀ, ଶ୍ରୀଦେବୀ, ହରକାଳୀ, ଶୈଳପୁତ୍ରୀ ଓ ପଦ୍ମୋଦ୍ଭବା ନାମରେ ଦେବୀଙ୍କୁ ପୂଜା କରାଯାଏ। ଏହିପରି ଭାବରେ ସାରା ବର୍ଷ ରମ୍ଭା ତୃତୀୟା ବ୍ରତ ପାଳନ କରି ଶେଷରେ ବ୍ରତ ଉଦଯାପନ କରାଯାଏ। ଏହା ଫଳରେ ଅନନ୍ତ ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହେବା ସହିତ ଶିବ ସାଯୁଜ୍ୟ ଲାଭ ହୁଏ ବୋଲି ବିଶ୍ୱାସ କରାଯାଏ। ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନରେ ଚେତନାରେ ରମ୍ଭା ତୃତୀୟା ଏକ ଦିବ୍ୟ ସ୍ମରଣୀୟ ଦିବସ। ଏହି ଦିନ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ବ୍ରତଚାରୀମାନେ ନିଷ୍ଠାର ସହିତ ଦିବସଟିକୁ ପାଳନ କରିଥାନ୍ତି। ତୁଳସୀ ଚଉରାରେ ଅଖଣ୍ଡ ଦୀପ ସହ ହବିଷ ଅନ୍ନ ଓ ଫଳ ଗ୍ରହଣ ସହ ଏହି ଦିବସରେ ଗରିବ ଲୋକମାନଙ୍କୁ ଖାଦ୍ୟ ଓ ବ୍ରତ ପ୍ରଦାନ କରିଥାନ୍ତି। ପୁରୀ ଶ୍ରୀମନ୍ଦିରରେ ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ପାଇଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏହି ଦିନ ପୁରୀ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ। ଅନେକ ବ୍ରତଚାରୀ ଏହି ଦିନରେ ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ ଅନ୍ନଦାର ସେବା କାର୍ଯ୍ୟକ୍ରମ ରଖିଥାନ୍ତି। ଏହି ଦିନ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଭିତରେ ଦିନଟିକୁ ଭଗବାନଙ୍କ ପ୍ରତି ସମର୍ପଣ କରି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ପାଳନ କରିଥାନ୍ତି।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ: ୯୯୩୭୧୭୨୮୧୦





## ପହଁରାଳି ଉଠେ...

### ଜୟନ୍ତ କୁମାର ମଲ୍ଲିକ୍



ପଖାଳ ଖାଇଲେ
ସୁଡୁ ସୁଡୁ-
ବିଲେଇ ଶୋଇଲେ
ଘୁଡୁ ଘୁଡୁ ,
ପାମ୍ପଡ ଶବଦ
ମୁଡୁ ମୁଡୁ-
ମୂଷା କରେ ଖାଲି
ଖୁଡୁ ଖୁଡୁ,
ବୁଢ଼ା ବୁଢ଼ୀ ଚମ
ଧୁଡୁ ଧୁଡୁ-
ନିଧି ଅଜା ପାଡେ
ପୁଡୁ ପୁଡୁ,
ଚଢ଼େଇ ବୋବାଏ
ଉଡୁ ଉଡୁ-
ଭୟଙ୍କର ଥିଲା
ହୁଡୁ ହୁଡୁ,
କଙ୍କଡ଼ା କରଇ
ଭୁଡୁ ଭୁଡୁ-
ପହଁରାଳି ଉଠେ
ବୁଡୁ ବୁଡୁ ।


ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭


## ଖରା ମାସ

### ସତ୍ୟ ସିଂ ବାଗ



ପହିଲି ଋତୁର ଗ୍ରୀଷମ ଆଗମନେ
ଖରା ମାସର ପ୍ରକୋପ ତାପ ପରା
ଏହି ଖରା ମାସେ ଧରା ରାଣୀ ଆଉ
ନଦିଶଇ ତାହାର ସୁନ୍ଦର୍ଯ୍ୟ ମଧୁଝରା !

ଥଣ୍ଡାପାଣି ହୁଏ ଖରା ମାସରେ
ଲୋଡ଼ା
ଫ୍ରିଜ ମାଠିଆ ସୁରେଇ କଳସୀ ଗରା
ଶୁଖଇ ଭୂଇଁ ନାଳ ଗରୁ ଗାଈ ସମସ୍ତେ
ପାଆନ୍ତି ନାହିଁ କଅଳ ଘାସ କୁଟି
ଚରା !

ଖାଲି ପାଦରେ ପଥ ଚାଲିବା ହୁଅଇ
ଦିନ ବେଳେ କଷ୍ଟକର ଜଳଇ ଏ
ପାଦ
ନିଦାଘ ଗ୍ରୀଷ୍ମ ଖରା ବଡ଼ ଏ ନିରୀଦୟ
ଝାଞ୍ଜି ଖରା ହେତୁ ଶରୀରତ୍ୱ ବିଷାଦ !
ଏମିତି କି ସତେ ଖରା ମାସ ଟା ଯାକ
ତପନର ଅସମ୍ଭାଳ ତାପ କସଣ ଧରା
ହେଲେ ତାହା ପାଇଁ ହିଁ ବରଷା ଆସେ
ମା ଧରଣୀ ହୁଏ ସୁନା ଶସ୍ୟରେ
ଭରା !

ଦିନୁ ଦିନୁ କରି ବଢ଼ି ଚାଲୁ ଅଛି ଖରା
କାରଣ ଗଛହାଣି ଜମିରେ କାରଖାନା
ଏଣୁ ଗଛ ଲଗାଇ ଜୀବନ ବଞ୍ଚାଇବା
ଅଂଶୁଘାତେ ପଡି ନଯିବା ଦବାଖାନା !


ଗ୍ରା /ପୋ - ତେରେସିଂହା
ଭାୟା - ରିସିଡ଼ା, ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ - ୬୩୫୩୩୭୪୫୦୯


## ସ୍ୱପ୍ନ ଗହଳିରେ

### ରଶ୍ମିରେଖା ବେହେରା

ସମାଧିସ୍ଥ ହେଉଥିଲା କିଛି
ଭୋଗ, ଅଭୋଗ ଆଉ
ଅସଜଡ଼ା ସମୟ ।
ଦଶଦିଗକୁ ଆବୋରି ବସିଥିବା
କିଛି ଅନ୍ଧାରର କଳା ଦାଗ,
ମିଞ୍ଜିମିଞ୍ଜି ତାରାଫୁଲ ମାନଙ୍କର
ବେଢ଼ଙ୍ଗ ଚାହାଣୀରେ ଗୁପ୍ ଚୁପ୍
କଥାବାର୍ତ୍ତାର
ନିରୋଳା ମୁହୂର୍ତ୍ତ ।
ମୋ ନୀରବତାକୁ ଆଖିକୋଣରେ
ଜାକିଧରିଥିବା
ଅଘୋଷିତ, ଆଞ୍ଜୁଳାଏ
ନିଦର ଗଭୀରତା ।
ଖେଳୁଥିଲେ ସେମାନେ
ବିନା ଦ୍ୱିଧାରେ,
ଆଶା, ନିରାଶାର ସବୁଜିମା
କ୍ଷେତପରେ,
କିଟିମିଟିଆ ଅନ୍ଧାରର କୋଳାହଳ
ଭିତରେ,
ସେମାନେ ବେଶ୍ କିନ୍ତୁ ଚଳ ପ୍ରଚଳ ।
ଏଇ ସବୁ ସ୍ୱପ୍ନମାନେ ବାହୁ ପଶାରି
ଆପଣେଇ ନିଅନ୍ତି, ବୋକ ଦିଅନ୍ତି,
ଉଷ୍ମତା ଭରନ୍ତି,
ପ୍ରତିଶୃତିର ବିଭିନ୍ନ ଆଳ ଦେଖେଇ ।
ଆଉ ମୁଁ ହରାଏ ମୋ ନିଜର ସତ୍ତା।
ବାନ୍ଧିହୁଅନ୍ତି, ଛନ୍ଦି ହୁଅନ୍ତି,
ପାହାନ୍ତିଆ ପହରରେ କିଛି ସ୍ୱପ୍ନ ଆତ୍ମ
ଗୋପନ କରନ୍ତି,
ଆଉ କିଛି ଗାଡ଼େଇ ହୁଅନ୍ତି ଆଖିର
କଅଁଳ ଉଦ୍ୟାନରେ ।
ଦଳିମକ୍ଟି ହେଉଥିବା, କେହି କେହି
ଚକ୍ରବ୍ୟୁହରେ ସଂଘର୍ଷରେ
ଅଟକି ଯାଆନ୍ତି ।
ବେଦନାର ତିକ୍ତ ଲୁହରେ ଭିଜିଭିଜି,
ଆଖିର କୋରଡ଼ରେ
ଅଚିହ୍ନା ଆଉ ଅପରିଚିତ
ହୋଇ ପଡ଼ିଥାନ୍ତି
କିଛି ସ୍ୱପ୍ନ ମାନେ ନୀରବ
ଆଉ ନିଷ୍ଫଳ,
ଆଉ ଗୋଟେ ମୋହାବିଷ୍ଟ ରାତିକୁ
ଅପେକ୍ଷା କରି ।


ଟାଟା ଷ୍ଟିଲ ଅଫିସର୍ସ କଲୋନୀ,
ମଧୁବନ, ପାରାଦ୍ୱୀପ
ଜଗତସିଂହପୁର

# ପାଠାଗାର



**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ବୈଶାଖ ଜ୍ୟେଷ୍ଠ ଭିଷଣ ଖରା । ପ୍ରବଳ ତାତି ସହ ଅଂଶୁଘାତ ହେବାର ଆଶଙ୍କା ଥିବାରୁ ରାଜ୍ୟରେ ସବୁ ସ୍କୁଲ ଛୁଟି ହୋଇଗଲା । ଖାରବେଳରେ ବାହାରକୁ ବାହାରିବା ମନା । ଘରେ ବାପା ବୋଉ ବି ଆକଟ କରୁ ଥାଆନ୍ତି ପିଲା ମାନଙ୍କୁ । ସାଙ୍ଗମାନଙ୍କ ସହ ଯାଇ ବାହରେ ଖେଳିବାକୁ , ବୁଲିବାକୁ ମନା କରାଯାଇଥାଏ ।

ଘରେ ବସି କେବଳ ସ୍କୁଲ ପାଠ ବହି ପଢ଼ି ପଢ଼ି ଚିଟା ଲାଗୁଥାଏ । ଟୁନା, କୁନା, ବାବୁଲା, ରାନୁ, ମାନୁ, ଭାନୁ ଆଦି ପିଲାମାନେ ଦିନେ ସକାଳୁ କଥା ହେଲେ କେମିତି ସବୁ ଏକାଠି ହୋଇ ପାରିବେ ଯେମିତି ସ୍କୁଲରେ ଏକାଠି ହେଉଥିଲେ । ଏକା ସାଙ୍ଗରେ ପଢୁଥିଲେ ଖେଳୁଥିଲେ । ନହେଲେ ପୂରା ଖରା ଛୁଟି ଘରେ ବସି ବସି ବିତିଯିବ । କେତେ ଖାଲି ସବୁବେଳେ ହୋମ ୱାର୍କ୍ କରୁଥିବେ ।

ଟୁନା କହିଲା ମୋ ପାଖରେ କିଛି ଗପ ବହି ଅଛି ଆସ ମିଶିକରି ପଢ଼ିବା । ବାହାରକୁ ଯିବା ନାହିଁ କି ଖରାକୁ ବାହାରିବା ନାହିଁ କେଉଁଠି ଛାଇ ଜାଗା ଦେଖି ସେଠାରେ ବସି ଯିବା । କୁନା କହିଲା, ଆମ ଦାଣ୍ଡ ଘରକୁ ଲାଗି ଗୋଟିଏ ଛୋଟ କୋଠରି ଅଛି । ସେଠି ବସି ମୁଁ ପଢ଼ାପଢ଼ି କରେ । ସେଇଠି ବସି ଆମେ ପଢ଼ିବା ଗପ ବହି ।

ବାବୁଲା କହିଲା, ମୋ ପାଖରେ ବି ପୁରାଣ କଥାକୁ ନେଇ କିଛି ଗପ ବହି ଅଛି । ସେପରି ଟୁବୁଲା କହିଲା, ମୋ ବାପା ମୋ ପାଇଁ ପିଲାଙ୍କ ବିଜ୍ଞାନ ଏବଂ ବହୁତ ଜଣା ଅଜଣା କଥାର ବହି କିଣି ଦେଇଛନ୍ତି । ସେଥିରେ ଦେଶ ବିଦେଶ, ଗ୍ରହ ନକ୍ଷତ୍ର, ଜୀବ ଜନ୍ତୁଙ୍କ ବିଷୟରେ ଅନେକ କଥା ଅଛି । ମୁଁ ବି ସେ ବହି ନେଇ ଆସିବି ।

ପିଲାମାନେ ଏକାଠି ହୋଇ ଏକଥା କୁନାର ବାପାଙ୍କୁ ଜଣାଇଲେ । କହିଲେ, ମଉସା ଆମେ ସବୁ ଏକାଠି ହୋଇ କୁନାର ପଢ଼ା ଘରେ ଖରା ବେଳେ ପଢିବା ପାଇଁ ଚାହୁଁଛୁ । କୁନାର ବାପା ପିଲା ମାନଙ୍କର ଏପରି ଆଗ୍ରହ ଦେଖି ବହୁତ ଖୁସି ହୋଇ କହିଲେ, ତୁମେମାନେ ଗୋଟିଏ ଖୁବ୍ ଭଲ ପ୍ରସ୍ତାବ ରଖିଛ । ଆମ ଘରେ ସବୁଦିନ ଏକାଠି ହୋଇ ତୁମମାନଙ୍କ ବହି ପଢ଼ିବ । ନିଜ ନିଜ ଭିତରେ ବହି ଅଦଳ ବଦଳ ବି କରି ନେବ । ଦେଶ ଦୁନିଆ ବିଷୟରେ କେତେ ନୂଆ ନୂଆ କଥା ଜାଣିବ । ମୁଁ ବି ତୁମ ମାନଙ୍କ ପାଇଁ ଆହୁରି ବହି ଆଣି ଦେବି ।

ଏପରି ସ୍ଥାନ ଯେଉଁଠାରେ ବହି ଗୁଡିକୁ ସମସ୍ତେ ପଢ଼ିବା ପାଇଁ ଏକାଠି କରି ରଖା ଯାଇଥାଏ ତାକୁ କହନ୍ତି ପାଠାଗାର । ଇଂରାଜୀରେ ଲାଇବ୍ରେରୀ । ଆମେ ସେପରି ଗୋଟିଏ ଛୋଟ ପାଠାଗାର କରିବା । ଯେଉଁଠି ତୁମେମାନେ ଶ୍ରେଣୀ ଗୃହରେ ପଢ଼ା ଯାଉଥିବା ବିଷୟ ବ୍ୟତୀତ ଆହୁରି ଅଧିକ କଥା ଜାଣି ପାରିବ । ଶିଶୁ ଗପ, କବିତା ସହ ଜ୍ଞାନ ବିଜ୍ଞାନକୁ ନେଇ ବହି ପଢ଼ି ପାରିବ । ତୁମମାନଙ୍କର ଏ ପ୍ରୟାସ ପ୍ରଶସଂନୀୟ ।

ପିଲାମାନେ ବହୁତ ଖୁସି ହୋଇଗଲେ । ଗ୍ରୀଷ୍ମ ଛୁଟିରେ ସାଙ୍ଗ ମାନଙ୍କ ସହ ମିଳାମିଶା କରିବା ସହ ପଢ଼ା ପଢ଼ି କରିବାଲାଗି ତାଙ୍କୁ ସୁଯୋଗ ମିଳିଗଲା ।


+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
(ମୋ) ୯୯୬୮୨୮୦୮୯୬


# ଏକତା ଆଗରେ ବଳୁଆ ହାରମାନେ

**ରମେଶ ଚନ୍ଦ୍ର ଦାଶ**



ଗୋଟିଏ ଜଙ୍ଗଲରେ ବାଘ ରାଜା ଥିଲା । ତାର ସହକର୍ମୀ ଥିଲା ସିଂହ । ବାଘ ଅନ୍ୟ ପ୍ରାଣୀଙ୍କ ଉପରେ ଅତ୍ୟାଚାର କଲା । ସେ ଯାହାକୁ ପାରିଲା ତାକୁ ମାରି ଖାଇଲା । ତାର ଇଚ୍ଛା ଅନୁସାରେ କାମରେ ଖଟାଇଲା । ଯିଏ ତାର ପ୍ରଶଂସା କଲା ତାକୁ ପୁରସ୍କାର ଦେବା ବେଳେ ଯିଏ ତାର ଅନ୍ୟାୟକୁ ନସହି ବିରୋଧ କଲା ତାକୁ ବିଭିନ୍ନ ଉପାୟରେ ଦଣ୍ଡ ଦେଲା । ଏହାଦ୍ୱାରା ସମସ୍ତେ ଅସନ୍ତୁଷ୍ଟ ହେଲେ । ସେହି ଜଙ୍ଗଲର ନିୟମ ଅନୁସାରେ ବୟସ୍କ ପ୍ରାଣୀ ରାଜା ହେଉଥିଲେ । ବାଘ ସବୁଠାରୁ ବୟସ୍କ ଥିବାରୁ ରାଜା ହୋଇଥିଲା । ତାର ପଛକୁ ବୟସ ଅନୁସାରେ ଥିଲା ସିଂହ । ବାଘର ଖରାପ କାମକୁ ସିଂହ ଯେତେବେଳେ ବିରୋଧ କଲା ବାଘ ତାକୁ ବୁଝାଇଦେଲା ଯେ ମୋ ପରେ ତୁ ରାଜା ହେବୁ । ତେଣୁ ପ୍ରଜାମାନଙ୍କୁ ଶାସନ କରିବାକୁ ହେଲେ ଏମିତି କରିବା ଦରକାର ନହେଲେ ପ୍ରଜାମାନେ ମାନିବେନି । ସିଂହ ଭବିଷ୍ୟତରେ ରାଜା ହେବା ମୋହରେ ନିରବ ରହିଲା । ସେ ଅନ୍ୟ ପ୍ରଜାମାନଙ୍କୁ ବାଘ ବିରୋଧରେ କହେ କିନ୍ତୁ ନିଜେ ବାଘ ସହିତ ସାମିଲ ହୋଇ କାମ କରେ । ଏକଥା ଦିନେ ବିଲୁଆ ଜାଣିପାରି ସିଂହକୁ ପଚାରିଲା, "କ'ଣ ଭାଇ, ରାଜା ହେବା ପାଇଁ ବାଘଠାରୁ ଶିକ୍ଷା କରୁଛ ନା କ'ଣ ?" ସିଂହ ଉତ୍ତର ଦେଲା, "ବାଘଟା ଚୋରଟାଏ । ମୁଁ ତା ଠାରୁ କ'ଣ ଶିଖିବି ?" ଏହା ଶୁଣି ବିଲୁଆ କହିଲା, "ଏକାଠି ଭୋଜି କରୁଛ, ବୁଲୁଛ ଆଉ କହୁଛ ଚୋରଟାଏ ।" ସିଂହ ନିରବ ରହିଲା ।

କିଛିଦିନ ପରେ ବାଘର ପାଳି ସରିଲା, ସିଂହ ରାଜା ହେବାର ଦିନ ଆସିଲା । ସେ ରାଜା ହେଉ ହେଉ ଆରମ୍ଭ କଲା ଅନ୍ୟମାନଙ୍କ ଉପରେ ଅତ୍ୟାଚାର । କାରଣ ସେ ପ୍ରତିକଥାରେ ବାଘକୁ ପଚାରେ । ବାଘର ଯେଉଁମାନେ ଶତ୍ରୁଥିଲେ ବାଘ ସେହିମାନଙ୍କ ଉପରେ ରାଗ ସୁଝାଇବା ପାଇଁ ସିଂହକୁ କହିଲା । ସିଂହର ଏ ଆଚରଣ ସବୁ ପ୍ରାଣୀଙ୍କୁ ବହୁତ କଷ୍ଟ ଦେଲା । ସେମାନେ ସମସ୍ତେ ବିଲୁଆକୁ ଅନୁରୋଧ କଲେ ଏହାର ପ୍ରତିକାର କରିବା ପାଇଁ । ବିଲୁଆ ସମସ୍ତଙ୍କୁ ଡାକି ଗୋଟିଏ ସଭାକଲା । ତାପରେ ଅଳ୍ପ କେତେଜଣ ବଛା ବଛା ପ୍ରାଣୀଙ୍କୁ ନେଇ ସିଂହ ପାଖକୁ ଗଲା । ସିଂହ ଏମାନଙ୍କୁ ଦେଖି ପ୍ରଥମେ ଗର୍ଜନ କଲା । ସେମାନଙ୍କୁ ଦମନ କରିବା ପାଇଁ ଚେଷ୍ଟାକଲା । କିନ୍ତୁ ସେମାନେ ଅହିଂସା ମାର୍ଗରେ ଅନଶନ କଲେ ।

ସିଂହର ସବୁ କାମ ବନ୍ଦ ହୋଇଗଲା । ଅନ୍ୟ ପ୍ରାଣୀମାନଙ୍କର ଏକତା ଆଗରେ ବଳୁଆ ସିଂହ ହାର ମାନିଲା । ତାପରେ ସେ ନିଜର ଗୁଣ ବଦଳାଇ ପ୍ରାଣୀମାନଙ୍କର ହିତ ନିମନ୍ତେ କାମ କଲା ବିଲୁଆ ।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨
(ମୋ) ୯୭୭୬୨୩୮୫୨୨


ତୁମ ପାଇଁ



## ସାଇକେଲ ମୁଁ ସାଇକେଲ

**ଧ୍ରୁବ ଚରଣ ଘିବେଲା**

ସାଇକେଲ ମୁଁ ସାଇକେଲ
ଛୋଟିଆ ମୋର କଳେବର
ଗୋଲ ଗୋଲ ମୋ' ଦୁଇଟି ଚକ
ଚଳାଇଲେ ଚାଲେ ସରସର ।

ସିଟ ଉପରେ ମୋ' ବସି ପଡ଼ି
ପ୍ୟାଡେଲ ମାଡ଼ିଲେ ଯାଏ ଗଡ଼ି
ଚାଳକ ଚଳାଇ ନିଏ ଯେମିତି
ସେଇମିତି ଯାଏ ଗଡ଼ି ଗଡ଼ି ।

ପକ୍କା ସଡ଼କରେ ଗଡ଼େ ଭଲ
ଖାଲଖମା ଥିଲେ ଗତି ଧିର
ଦେଖିଚାହିଁ କରି ଚଳାଇଲେ ମୋତେ
କ୍ଷତି ହୁଏ ନାହିଁ ଆରୋହୀର ।

ସବୁ ରାସ୍ତା ପରେ ଗଡ଼ିପଓରେ
ଭଲ ଗଡ଼େ ରାସ୍ତା ଭଲ ଥିଲେ
ଠିକଠାକ ଥିଲେ ଚକ ଅଖ ସବୁ
ଅଟକେ ନାହିଁ ମୁଁ ରାସ୍ତା ପରେ ।

ପେଟ୍ରୋଲ ଡିଜେଲ ଲୋଡ଼ା ନାହିଁ
ବାୟୁ ପ୍ରଦୂଷଣ ପ୍ରଶ୍ନ ନାହିଁ
ଚକରେ ପବନ ଠିକ ରହିଥିଲେ
ଯେତେ ଗଡ଼ିଲେ ମୋ' ଦୁଃଖ ନାହିଁ ।

ଗାଡ଼ି ଘୋଡ଼ା ଛାଡ଼ି ସଉକିରେ
ମୋତେ ଧରିଲେଣି ଆଗ୍ରହରେ
କିଏ ବୁଲିଲାଣି ଏଇଠି ସେଇଠି
ଦପ୍ତର ଗଲେଣି କେ ମୋ' ସାଥିରେ ।

ମୋ' ଉପରେ ବସି କଲେ ଗତି
ବ୍ୟାୟାମ ବି ହୁଏ ଯଥାରୀତି
ପ୍ୟାଡେଲ ମାଡ଼ିଲେ ଶକ୍ତି ହୁଏ ଖର୍ଚ୍ଚ
ସାଇକେଲ ମାଡ଼ିବା ନିତି ପ୍ରତି ।


+ ବଉଦରାଜ, ଜି. ବୌଦ୍ଧ
(ମୋ) ୯୪୩୭୪୭୮୪୬୬


## ଜିତି ପାରିବାରେ ଆମେ

**କୀର୍ତ୍ତନ ସାହୁ**

ଭୁଲି ହୁଏ ନାହିଁ ମାମୁଁ ଘର ଗାଆଁ
ସକାଳ ମଧୁର ଛବି
ହସ ଖୁସି ମେଳେ ବିତି ଥିବା ଦିନ
ସୁନ୍ଦର ଉଦୟ ରବି ।

ଭୁଲି ହୁଏ ନାହିଁ ବାଡି ଗଡ଼ିଆକୁ
ମିଳି ଥାଏ ମାଛ ସଜ
ପରବ ପର୍ବାଣୀ ପ୍ରଥମା ଅଷ୍ଟମୀ
ଅବା ହୋଇ ଥାଉ ରଜ ।

ଭୁଲି ହୁଏ ନାହିଁ ସାଙ୍ଗ ସାଥୀ ମେଳେ
ପୋଖରୀ ଗାଧୁଆ ବେଳ
ପାଣିରେ ବୁଡ଼ିବା ଉଠିବା ଡେଇଁବା
ଲୁଚିବା ମାରିବା ଖେଳ ।

ହସ ଖୁସି ହୋଇ ସାଙ୍ଗ ସାଥୀ ସାଥେ
ସ୍କୁଲ ଚାଲି ଚାଲି ଯିବା
ବରଷା ଝଡ଼ିରେ ପାଣି କାଦୁଅରେ
ଜୋତା ଖୋଲି ଚାଲୁ ଥିବା ।

ଭୁଲି ହୁଏ ନାହିଁ ଗାଆଁ ଦାଣ୍ଡ ବୁଲା
ବୋହୂ ଚୋରୀ ବାଟି ଖେଳ
ରବିବାର ହେଲେ କୋଳି କେନ୍ଦୁ ପାଇଁ
ପୋଖରୀ ହୁଡ଼ାରେ ମେଳ ।

କେତେ କେତେ କଥା ବଦଳି ଯାଇଛି
ନୂଆ ନୂଆ ଆସେ ଏବେ
ସମୟ ସହିତ ତାଳରେ ଚାଲିଲେ
ଜିତି ପାରିବାରେ ତେବେ ।


+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
(ମୋ) - ୯୪୩୮୪୧୪୭୦୧


## ସକାଳୁ ଉଠି ଯେ ଖୋଜେ ବହି......

**ରାମଚନ୍ଦ୍ର ବେହେରା**

ବରଷା କାଳେ ବେଂଗୁଲୀ ଖୋଜେ
ସାରୁ ଗଛର ମୂଳ
କେଉଁ କଟର ଗୀତ ସେ ଗାଏ
ହୋଇଲେ ସଂଜ ବେଳ ।

ଚାଷୀ ଖୋଜଇ ବରଷା ପାଣି
ରୋଇବା ପାଇଁ ଧାନ
ସନିଆ ଖୋଜେ ଭଉଁରୀ ଜାଲ
ଧରିବା ପାଇଁ ମୀନ ।

ଜେଜେ ଖୋଜନ୍ତି ବଂକୁଲି ବାଡି
କୁଆଡେ ଗଲେ ବୁଲି
ସାଥୀ ମେଳରେ ଖେଳିବା ପାଇଁ
କୁନା ଖୋଜଇ ଗୁଲି ।

ଆଇ ଖୋଜନ୍ତି ହାତ ବିଂଚଣା
ଥଣ୍ଡା ପବନ ପାଇଁ
ଗଛର ଛାଇ ଖୋଜି ବୁଲଇ
ଶୋଇବା ପାଇଁ ଗାଈ ।

ମୂଷା ଖୋଜଇ ଧାନ ଗହମ
ଭରିବା ପାଇଁ ପେଟ
ଅସନା ଖୋଜି ମଶା ଓ ମାଛି
କରନ୍ତି ସେଠି ନାଟ ।

ବାପା ଖୋଜନ୍ତି ଗାଡିର ଚାବି
ଯିବାକୁ ଗାଆଁ ହାଟ
ସକାଳୁ ଉଠି ଯେ ଖୋଜେ ବହି
ହୁଏ ସେ ଭଲ ଚାଟ ।


+ ତେନ୍ତୁଳିପଦା, ଜଗତସିଂହପୁର
(ମୋ) ୭୩୫୫୬୩୪୩୪୬


## ଆମେ ଚୁନିଚୁନି ସଜ ଫୁଲ

**ପ୍ରଶାନ୍ତ କୁମାର ରାଉଳ**

ଚନ୍ଦନ ଚିତା ଗଜମୁକୁତା
ପବିତ୍ର ଭାରତ ମାତା
ଚରଣେ ତାର ବହେ ସାଗର
ଗାଇ ତାର ଜୟ ଗାଥା ।

ତାହାରି ପାଣି ଝରଣା ନଈ
ରକତ ହୋଇ ଯାଉଛି ବହି,
ତା ମାଟି ଅନ୍ନ ଗଢି ଜୀବନ
ଭାଷା ଦେଲା ତୁଣ୍ଡେ କଥା ।

ତା କୋଳେ ବଢ଼ି ବଡ୍ଡି ଜଗବନ୍ଧୁ
ଗାନ୍ଧି ସୁଭାଷ ଗୋପବନ୍ଧୁ
ସୁରେନ୍ଦ୍ର ବାଜି ଶହୀଦ ଇନ୍ଦୁ
ଗାଏ ଇତିହାସ ଗାଥା ।

କାଶ୍ମୀରଠାରୁ କନ୍ୟା କୁମାରୀ
ଭେଦ ଭାବ ଏଠି ନାହିଁ କାହାରି
ହିନ୍ଦୁ ଖ୍ରୀଷ୍ଟ ଶିଖ ମୁସଲମାନ
ସଭିଏଁ ତା ସୁତସୁତା ।

ଏକ ଉଦ୍ୟାନେ ଭିନ୍ନ କୁସୁମ
ଏକ ହିଁ ଦିଅଁ ରାମ ରହିମ,
ପୂଜା ପାଆନ୍ତି ପ୍ରଭୁ ଶ୍ରୀରାମ
ଅଯୋଧ୍ୟା ବିଶ୍ୱ ବନ୍ଦିତା ।

ଆଜି ଆମେ କଢି କାଲି ହେବୁ ବଡ଼
ରଖିବା ରେ ଟେକ ଆସୁ ବାଧା ଝଡ଼,
ଭାରତ ଉଦ୍ୟାନେ ଚୁନି ସଜ ଫୁଲ
କରି ଯିବୁ ସେବା ହେବୁ ଗଳାହାର
ପାଦ ତଳେ ନଇଁ ମଥା ।


+ ଭଞ୍ଜ କଲୋନୀ, ନୂଆବଜାର,
ଜଳେଶ୍ୱର, ବାଲେଶ୍ୱର
(ମୋ) ୮୧୪୪୮୬୪୫୮୪


## ବରଷା ଆସିଲା ଧରାକୁ ଧାଇଁ

**ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ**

ସରି ସରି ଗଲା ଖରାର ରାଜୁତି
ବରଷା ଆସିଲା ଧରାକୁ ଧାଇଁ,
ଧାର ଧାର ଧାର ବରଷା ଜଳରେ
ଉଛୁଳି ଉଠିଲା ଶୁଖିଲା ନଈ ।

ଝର ଝର ଝର ଝରିଲା ଆକାଶୁ
କଳା ବଉଦରୁ ବରଷା ଧାର,
ଧୂସର ଧରାଟି ହୋଇଲା ଶୀତଳ
ଗିରିଷମ ତାପ ହୋଇଲା ଦୂର ।

ବରଷା ଜଳରେ ଭିଜି ଗଛଲତା
ଦିଶୁଛନ୍ତି ଦେଖ କେଡେ ସୁନ୍ଦର,
ଥୁଣ୍ଟା ଗଛ ଦେହେ ସବୁଜ ପତର
କଅଁଳି ଦିଶଇ କି ମନୋହର ।

ଚାଷୀଭାଇ ମନେ ନୂଆ ଆଶା ନେଇ
ନିଜର ସାଥୀଙ୍କୁ ଏକାଠି କରି,
କ୍ଷେତ ଚାଷ ପାଇଁ ଯାଉଛି କ୍ଷେତକୁ
ମନରେ ଅସୀମ ସାହସ ଭରି ।

'ବନ ମହୋତ୍ସବ ' ହେଉଛି ପାଳନ
ସବୁଠାରେ ପୋତା ହେଉଛି ଚାରା,
ଯତନ ନେଲେ ତା 'ଦିନ କେତୋଟିରେ
ସବୁଜ ସୁନ୍ଦର ଦିଶିବ ଧରା ।

ଆସ ଆସ ଆମେ କରିବା ଶପଥ
ହାତରେ ମିଳାଇ ସଭିଏଁ ହାତ,
ଗୋଟି ଗୋଟି ଚାରା ଲଗାଇ ବାଡିରେ
ହେବା ଜଣେ ଜଣେ ସବୁଜ ମିତ ।


+ ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ
ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ମାହାଙ୍ଗା, କଟକ - ୭୫୪୨୦୭
(ମୋ) ୭୬୦୯୦୪୪୩୮୩


## ଆସୁଛି ଆଗକୁ ରଜ

**ପ୍ରଶାନ୍ତ କୁମାର ଦାଶ**

ପାଖେଇ ଆସୁଛି ରଜ ମଉଜ ତ
ପିଲାଏ ହେଲେଣି ସଜ
ସୁଖ ଶାନ୍ତି ଖୁସି ମନହରଷରେ
କାଟିବେ ଗାଆଁରେ ରଜ ।

ବାରତା ଦେଇଛି ଅପା ତ ଆସିବ
କେତେ ଭଲ ଚିଜ ଆଣି
ଦୋଳିରେ ବସେଇ ଝୁଲେଇବ ଅପା
ପିଲାଙ୍କର ଖୁସି ଜାଣି ।

ଗାଆଁରେ ସାହିରେ ସହରରେ ନାହିଁ
ଝଙ୍କାଳିଆ ଗଛଡାଳ
ଗଛକାଟି କୋଠା ତିଆରି ହେଲାଣି
ମନଲାଖି ମାଳମାଳ ।

ଗଛଥିଲେ ସିନା ଶୁଭୁଥାନ୍ତା କୁନି
ଚଢେଇଙ୍କ ମିଠା ଗୀତ
ଦୋଳିଖେଳି ମଜା ମଉଜ କରନ୍ତେ
ସବୁ ସାଙ୍ଗସାଥି ମିତ ।

ଟାଆଁସିଆ ଖରା ଡହକ ତାତିକୁ
ସହିହେଉ ନାହିଁ ଜମା
ପାଣି ଟୋପେ ନାହିଁ ଶୁଖିତ ଯାଇଛି
ପୋଖରୀ ଓ ଖାଲ ଖମା ।

ରଜଦୋଳି ପାଇଁ ଗଛସବୁ ଲୋଡ଼ା
ଚାଲ ହେଇ ସାଥୀ ମିତ
ମାଟିର ଛାତିରେ ପୋତିଦେବା ଗଛ
ଗାଇ ପଦେ ମିଠା ଗୀତ ।

ଗଛ ବଡହେଲେ ତା ଲମ୍ବା ଡାଳରେ
ଖେଳିବା ଝୁଲିକି ଦୋଳି
ରଜ ତିନିଦିନ ଖାଇବା ବଣର
ଗଛ ଡ଼ାଳୁ ତୋଳି କୋଳି ।


+ କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
(ମୋ) ୯୬୬୮୮୨୨୧୯୦


## ଗଛ ଲଗାଇବା କାହା ପାଇଁ

**ସୁନୀଲ କୁମାର ପ୍ରଧାନ**

ଗଛ ଲଗାଇବା କାହା ପାଇଁ
ପରିବେଶ ଆମ ସୁନ୍ଦର ପାଇଁ ।

ଗଛ ଲଗାଇବା କାହା ପାଇଁ
ସୁସ୍ଥ ଅମ୍ଳାନ ଶରୀର ପାଇଁ ।

ଗଛ ଲଗାଇବା କାହା ପାଇଁ
ପ୍ରଦୂଷଣ ମୁକ୍ତ ହେବରେ ଭାଇ ।

ଗଛ ଲଗାଇବା କାହା ପାଇଁ
ମାଟି ସଂରକ୍ଷଣ ଉର୍ବର ହୋଇ ।

ଗଛ ଲଗାଇବା କାହା ପାଇଁ
ପାଇବାରେ ଅନେକ ଖାତା ବହି ।

ଗଛ ଲଗାଇବା କାହା ପାଇଁ
ଫୁଲ ଫଳ ଦିଏ ପତ୍ର ଓ ଛାଇ ।

ଗଛ ଲଗାଇବା କାହା ପାଇଁ
ଧରଣୀ ରାଣୀ ମୋ ହସିବା ପାଇଁ ।


+ ଝାଟିପଦର, ପାଲୁର, ଗଂଜାମ
(ମୋ) ୭୬୦୯୯୩୪୩୬୬




# ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ଓ ନିମ୍‌ହାନ୍ସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୭/୬ (ନି.ପ୍ର): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ନ୍ୟୁରୋ ବିଜ୍ଞାନ ଅନୁଷ୍ଠାନ ବାଙ୍ଗାଲୁରୁ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆପଦକାଳୀନ ସମୟରେ ବିପର୍ଯ୍ୟୟର ସାମ୍ନା କରିବା ସହ ଏହି ପରିସ୍ଥିତିରୁ ଉଦ୍ଧାର ପାଇବା, ଥଇଥାନ ଏବଂ ମାନସିକ ସ୍ତରରେ ପ୍ରସ୍ତୁତି ନିହାତି ଆବଶ୍ୟକ। ଏହି ବୁଝାମଣା ପତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ତାଲିମ ଓ ଦକ୍ଷତା ବୃଦ୍ଧି କରିବା। ବିପର୍ଯ୍ୟୟ ସମୟରେ ବିଭିନ୍ନ ସହଭାଗୀମାନଙ୍କ ମଧ୍ୟରେ ପ୍ରାଥମିକ ଚିକିତ୍ସା ଓ ମାନସିକ ସ୍ଥିତିର ଯନି ନେବା। ବିଭିନ୍ନ ଜ୍ଞାନ ଓ କୌଶଳର ଉପଯୋଗରେ ନିରନ୍ତର ଉନ୍ନତି ଓ ପାରସ୍ପରିକ ଶିକ୍ଷା ଦିଗରେ ସମୟାନୁଯାୟୀ ଅନୁଭୂତି ବାଂଟିବା ଦିଗରେ ଗୁରୁତ୍ୱ ଆରୋପ କରାଯିବ। ଏହି ଦୁଇ ଅନୁଷ୍ଠାନ ବିପର୍ଯ୍ୟୟ ସମୟରେ ମାନସିକ ସ୍ୱାସ୍ଥ୍ୟ ଯନି ସହ ଆନୁଷଙ୍ଗିକ କ୍ଷେତ୍ରରେ ଗବେଷଣାତ୍ମକ କାର୍ଯ୍ୟକଳାପ ବୃଦ୍ଧି ଉପରେ ସହମତି ପ୍ରକାଶ କରିଛନ୍ତି।

ବାଙ୍ଗାଲୁରୁଠାରେ ଅନୁଷ୍ଠିତ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓସ୍‌ଡ୍‌ମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା ଓ ନିମ୍‌ହାନ୍ସର ନିର୍ଦ୍ଦେଶକ ଶ୍ରୀମତୀ ପ୍ରତିମା ମୂର୍ତ୍ତି ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଅନୁଷ୍ଠାନର ରେଜିଷ୍ଟ୍ରାର ଡା. ଶଙ୍କର ନାରାୟଣ ରାଓ, ଅତିରିକ୍ତ ପ୍ରଫେସର ଡା. ଜୟକୁମାର ସି., ଡା. ଗୋବିନ୍ଦ ମାଝି ଏବଂ ଡା. ବାଲଶାନ୍ତି, ପ୍ରକଳ୍ପ ସଂଯୋଜକ ଓ ଓସ୍‌ଡ୍‌ମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଗୌରୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହଙ୍ଗା ମାଡ଼: ଅତ୍ୟାବଶ୍ୟକ ସାମଗ୍ରୀ ଦର ଉପରମୁହାଁ

ଭୁବନେଶ୍ୱର, ୭/୬ (ନି.ପ୍ର): ଦେଶରେ ସାଧାରଣ ନିର୍ବାଚନକୁ ନେଇ ଲୋକେ ବ୍ୟସ୍ତ ଥିବାବେଳେ ଅନେକଙ୍କ ଅଲକ୍ଷ୍ୟରେ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। ଗତ କିଛିମାସ ହେଲା ଡାଲି ଦର ଲଗାତାର ବୃଦ୍ଧି ପାଇ ଆସୁଛି। ଏବେ ଏଥିରେ ଚାଉଳ, ତେଲ ଏବଂ ଗହମ ଜାତୀୟ ଉତ୍ପାଦ ଯଥା ଅଟା, ସୁଜି ଏବଂ ମଇଦା ଆଦି ଯୋଡ଼ି ହୋଇଯାଇଛି। ଭୁବନେଶ୍ୱରରେ ପାଇକାରୀ ବଜାରରେ ଚାଉଳ ଦର ଇତିମଧ୍ୟରେ କ୍ୱିଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବା କିଲୋପିଛା ୩ରୁ ୪ ଟଙ୍କା ବଢ଼ିଯାଇଛି। ସାଧାରଣ କିସମ ଚାଉଳର ପାଇକାରୀ ମୂଲ୍ୟ ପୂର୍ବରୁ ଯାହା କିଲୋଗ୍ରାମ ପିଛା ୩୧ ଟଙ୍କା ଥିଲା ଏବେ ତାହା ୩୫ ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ କ୍ୱିଣ୍ଟାଲ ପିଛା ୩୫୦୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ସୋରିଷ ତେଲ ଦାମ ଗତ କିଛି ଦିନ ଭିତରେ ଲିଟର ପିଛା ୮ରୁ ୧୦ ଟଙ୍କା ବଢ଼ିଯାଇଛି। ସୋରିଷ ତେଲର ଦାମ ପୂର୍ବରୁ ଲିଟର ପିଛା ଯାହା ୧୨୦ ଟଙ୍କା ଥିଲା ବର୍ତ୍ତମାନ ତାହା ୧୩୨ରୁ ୧୩୩ ଟଙ୍କା ହୋଇଛି। ସେହିଭଳି ପାମୋଲିନ ଦର ପୂର୍ବରୁ କିଲୋପିଛା ୮୩ରୁ ୮୪ ଟଙ୍କା ରହିଥିଲାବେଳେ ବର୍ତ୍ତମାନ ତାହା ୮୬ରୁ ୮୭ ଟଙ୍କାରେ ପହଞ୍ଚିଛି। ହରଡ଼, ବୁଟ ଏବଂ ବିରି ଡାଲି ଏବେ ଅଧିକ ଦରରେ ବିକ୍ରି ହେଉଛି। ବିଭିନ୍ନ କିସମ ହରଡ଼ ଡାଲିର ପାଇକାରୀ ମୂଲ୍ୟ ଏବେ କିଲୋପିଛା ୧୬୫ ଟଙ୍କା ୧୮୦ ଟଙ୍କାରେ ବିକ୍ରି ହେଉଛି। ଗତ ୩ରୁ ୬ ମାସର ଦର ଉପରେ ନଜର ପକାଇଲେ କିଲୋପିଛା ହରଡ଼ ଡାଲି ଦର ପ୍ରାୟ ୨୦ରୁ ୩୦ ଟଙ୍କା ବଢ଼ିଯାଇଛି। ବିରି ଡାଲି ମଧ୍ୟ କ୍ୱିଣ୍ଟାଲ ପିଛା ୨୦୦ରୁ ୩୦୦ ଟଙ୍କା ବଢ଼ିଯାଇଛି। ବିରି ଡାଲି ଏବେ କିଲୋପିଛା ୧୨୦ ଟଙ୍କାରୁ ୧୩୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ବୁଟ ଡାଲି ଗତ ୩ ମାସ ଭିତରେ କିଲୋପିଛା ୧୦ ଟଙ୍କା ବଢ଼ିଯାଇଛି। ପୂର୍ବରୁ ଏହାର ଦାମ୍ ପାଇକାରୀ ବଜାରରେ କିଲୋଗ୍ରାମ ପିଛା ୭୦ ଟଙ୍କା ଥିବାବେଳେ ଏବେ ୮୦ ଟଙ୍କାରେ ବିକ୍ରି ହେଉଛି। ତେବେ ମୁଗ, ମଟର, ମସୁର ଡାଲି ମୂଲ୍ୟ ସ୍ୱାଭାବିକ ରହିଛି। ଗହମ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବଢ଼ିଯାଇଛି। ଏହାଫଳରେ ଗହମଜାତୀୟ ଉତ୍ପାଦ ଯଥା ସୁଜି, ଅଟା, ମଇଦା ଆଦି ଦାମ କ୍ୱିଣ୍ଟାଲ ପିଛା ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଯାଇଛି। ଖୁଚୁରା ବଜାରରେ ଏସବୁ ସାମଗ୍ରୀର ଦାମ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରହିଛି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯିବା ନେଇ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାର ପ୍ରଭାବରେ ଚାଉଳ ଦାମ୍ ବଢ଼ିଯାଇଛି। ଆଗକୁ ମଧ୍ୟ ଏହା କ୍ୱିଣ୍ଟାଲ ପିଛା ୨୦୦ରୁ ୩୦୦ ଟଙ୍କା ବୃଦ୍ଧି ଘଟିବା ଆଶଙ୍କା ରହିଛି ବୋଲି ସେମାନେ ମତ ଦେଇଛନ୍ତି। ଡାଲି ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଜାରରେ ଯେଉଁଦିନ ଠାରୁ କର୍ପୋରେଟ ହାଉସ୍ ପ୍ରବେଶ କଲେଣି ସେହିଦିନ ଠାରୁ ଦରରେ ମାତ୍ରାଧିକ ଅସ୍ଥିରତା ଦେଖାଦେଇଛି। ରାତିରେ ଦର କ୍ୱିଣ୍ଟାଲ ପିଛା ୧୦୦୦ ଟଙ୍କା ବଢ଼ିଯାଉଥିବା ଦେଖିବାକୁ ମିଳୁଥିବାବେଳେ ସକାଳେ ୫୦୦ ଟଙ୍କା କମିଯାଉଛି। ଦରକୁ ଜାଣିଶୁଣି ଅସ୍ଥିର କରାଯାଉଛି। ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ବର୍ତ୍ତମାନ ଯେଉଁ ଛୋଟ ଏବଂ ମଧ୍ୟମ ବ୍ୟବସାୟୀ ଅଛନ୍ତି ସେମାନଙ୍କର କ୍ଷତି ପହଞ୍ଚାଇବା। ଏମାନେ କିଭଳି ବ୍ୟବସାୟ ନକରି ପାରିବେ ତାହା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। ସରକାର ମଧ୍ୟ ସେମାନଙ୍କୁ ଏଥିରେ ସମର୍ଥନ କରୁଛନ୍ତି। ତେଣୁ ଦରଦାମରେ ଯେଉଁ ବୃଦ୍ଧି ଘଟୁଛି ତାହାକୁ ନିୟନ୍ତ୍ରଣ କରିବା ପରିସ୍ଥିତିରେ ନାହାନ୍ତି ବୋଲି ଓଡ଼ିଶା ବ୍ୟବସାୟୀ ସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି।

# ଡ୍ୟାମ୍ ଶୁଖିଲା, ସହର ଶୋଷିଲା



କେନ୍ଦୁଝର, ୭/୬ (ନି.ପ୍ର): ତିନିଦିନ ହେବ କେନ୍ଦୁଝର ସହର ଭୋଗୁଛି ଜଳକଷ୍ଟ। ସହରକୁ ପାଣି ଯୋଗାଉଥିବା ବଡ଼ଘାଗରା ଡ୍ୟାମ୍ ଶୁଖି ଯାଇଛି। ଫଳରେ ଶୋଷିଲା ରହିଛି ଅଧା ସହର। ଖରାଦିନ ଆରମ୍ଭରୁ କଳକଷ୍ଟ ହୋଇଥିଲା। ବିଭିନ୍ନ ନଈ, ନାଳ କେନାଲ ଶୁଖି ଯାଇଥିବାବେଳେ ଜଳଭଣ୍ଡାର ମଧ୍ୟ ଶୁଖିବା ଆରମ୍ଭ ହୋଇଥିଲା। ତଥାପି ଜଳ ସଙ୍କଟ ଟଳିଯିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ତାହା ହେଲା ନାହିଁ। ବଡ଼ଘଗରା ଡ୍ୟାମ୍ ଉପରେ କେନ୍ଦୁଝର ସହରର ଜଳ ଯୋଗାଣ ବ୍ୟବସ୍ଥା ଯୋଡ଼ିହୋଇ ରହିଛି। ଏହି ଡ୍ୟାମ୍‌ରୁ ସହରର ଅଧେ ବାସିନ୍ଦା ପାଣି ପାଇଥାନ୍ତି। ତଥ୍ୟ ଅନୁସାରେ, ଏହି ଡ୍ୟାମ୍‌ର ସଂପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆରଏଲ (ରେଡିୟସ ଲେଭଲ)। ଏପ୍ରିଲ୍ ମାସରେ ସାଧାରଣତଃ ଏହି ଡ୍ୟାମ୍‌ରେ ୧୯୩୨ ଆରଏଲ ଜଳ ରହିବା କଥା। ତେବେ, ଡ୍ୟାମରେ ୧୯୨୬ ଆରଏଲ ରହିଥିଲା। ମେ ମାସରେ ଏହା ସଂପୂର୍ଣ୍ଣ ନିମ୍ନସ୍ତରରେ ପହଞ୍ଚିଥିଲା ବେଳେ ଜୁନ୍ ମାସରେ ଏହା ସଂପୂର୍ଣ୍ଣ ଶୁଖି ଯାଇଛି। କେନ୍ଦୁଝର ସହରକୁ ପାଣି ଯୋଗାଉଥିବା ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୬୦ ଲକ୍ଷ ଲିଟର ଜଳ ଯୋଗାଣ ହୋଇଥାଏ। ଜଳସ୍ତର କମିଯିବା କାରଣରୁ ଗତ ଏପ୍ରିଲ୍ ମାସରେ ପ୍ରାୟ ୧୦ ଲକ୍ଷ ଲିଟର କମ୍ ପାଣି ଏହି ଜଳଭଣ୍ଡାରରୁ ଆସୁଛି। ଅର୍ଥାତ୍ ପ୍ରତିଦିନ ୬୦ ଲକ୍ଷ ଲିଟର ବଦଳରେ ୫୦ ଲକ୍ଷ ଲିଟର ପାଣି ସହରକୁ ଯୋଗାଣ ହେଉଥିଲା। ସେମିତି ମେ ମାସରେ ଆହୁରି କମିଗଲା। ଜୁନ୍ ମାସରେ ଗତ ତିନିଦିନଧରି ସହରକୁ ଜଳ ଯୋଗାଣ ବନ୍ଦ ହୋଇଗଲା। ଅପରପକ୍ଷରେ ଅତି ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ୍ ଷ୍ଟୋରେଜକୁ ବ୍ୟବହାର କରାଯାଏ। ସେଥିପାଇଁ ମଧ୍ୟ ଏହି ଜନସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି କରିଥିଲା। ଚାରୋଟି ବଡ଼ବଡ଼ ପମ୍ପସେଟ ଦ୍ୱାରା ପମ୍ପିଂ କରି ପାଣି ଉଠାଇବାର ବ୍ୟବସ୍ଥା କରିଥିଲେ ବି ପାଣି ନ ଥିବାରୁ ତାହା ସମ୍ଭବ ହୋଇନାହିଁ। ଖାଲି ଡ୍ୟାମ୍ ନୁହେଁ, ନଦୀନାଳ ଅବସ୍ଥା ମଧ୍ୟ ସମାନ। କେନ୍ଦୁଝରରେ ବୈତରଣୀକୁ ଛାଡ଼ିଦେଲେ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହିଛି ୨୦ରୁ ଊର୍ଦ୍ଧ୍ୱ ଶାଖା ନଈ ଏବଂ ପାହାଡ଼ି ନାଳ। କୁଶେଇ, ମୂଷଳ, କାଣିଝରୀ, ଅରଡ଼େଇ, ସାନମାଛକାନ୍ଦଣା ଭଳି ଏକାଧିକ ପାହାଡ଼ି ନାଳ ଓ ନଈ ଉପରେ ଜିଲ୍ଲାର ହଜାରହଜାର ଜନବସତି ନିର୍ଭର କରିଥାନ୍ତି। ଏହି ସବୁ ପାହାଡି ନଦୀର ଜଳ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ପାଇଁ ବର୍ଷାଦିନ ଛାଡ଼ିଦେଲେ ଖରାଦିନେ ପାଣି ମିଳୁନାହିଁ। ଏହି କାରଣରୁ ଖାଲି କେନ୍ଦୁଝର ସହର ନୁହେଁ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଲାଗି ରହିଛି।

# ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ନିଯୋଗର ସାଂଘାତିକ ଅଭିଯୋଗ: ମହାପ୍ରଭୁଙ୍କୁ ଲାଗି ହେଉଛି 'ମାରା' ଫୁଲ



ପୁରୀ, ୭/୬ (ନି.ପ୍ର): ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଛି ମାରା ଫୁଲ। ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। କେବଳ ସେତିକି ନୁହେଁ, ତାଜା ଫୁଲ ବଦଳରେ ଫ୍ରିଜ୍‌ରେ ଗଚ୍ଛିତ ଫୁଲକୁ ଲାଗି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଦେଉଛି। ଯାହା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ପାଇଁ ବିପଦ। ଏଭଳି ସାଂଘାତିକ ଅଭିଯୋଗ ଆଣିଛି ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ନିଯୋଗ। ଏ ଦିଗରେ ବିହିତ ପଦକ୍ଷେପ ନିଆନଗଲେ ଛାମୁ ଖୁଣ୍ଟିଆ ନିଯୋଗ ପରବର୍ତ୍ତୀ ପଦକ୍ଷେପ ନେବାକୁ ଚେତାବନୀ ଦେଇଛି। ମହାପ୍ରଭୁଙ୍କୁ ଲାଗି ହେଉଥିବା ଫୁଲମାଳ ଗୁନ୍ଥିବା ପାଇଁ ବହୁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏମାନେ ଶ୍ରୀମନ୍ଦିର ପରିସର କୋଇଲି ବୈକୁଣ୍ଠ ଓ ଶ୍ରୀମନ୍ଦିର ଉପବନ ପରିସରରେ ବସି ଫୁଲ ଗୁନ୍ଥୁଛନ୍ତି। ଫୁଲରେ ମାଳ ସହ ନାକଚଣା, ହୃଦପଲ୍ଲବ, କରପଲ୍ଲବ ଆଦି ପ୍ରସ୍ତୁତ କରୁଛନ୍ତି। ଯାହା ପ୍ରତିଦିନ ମହାପ୍ରଭୁଙ୍କୁ ଲାଗି ହେଉଛି। କିନ୍ତୁ ଏହି ଫୁଲ୍ ଫ୍ରିଜରେ ରଖି ମହାପ୍ରଭୁଙ୍କୁ ଲାଗି କରିବାକୁ ଦିଆଯାଉଛି ବୋଲି ଛାମୁ ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ଶ୍ରୀ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ଭିତର କାଠରେ ବେହେରଣ ଦ୍ୱାର ପାର୍ଶ୍ୱକୁ ରହିଛି, ମହାପ୍ରଭୁଙ୍କ ଫୁଲ ରଖିବା ସ୍ଥାନ। ଫୁଲମାଳ ସହ ଫୁଲର ଅନ୍ୟାନ୍ୟ ଶ୍ରୀଅଙ୍ଗ ଲାଗି ଜିନିଷ ପହଞ୍ଚିବା ପରେ ଏହିଠାରେ ରଖାଯାଉଛି। ଏଠାରୁ ପାଳିଆ ସେବକମାନେ ଫୁଲମାଳ ଆଦି ନେଇ ମହାପ୍ରଭୁଙ୍କୁ ଲାଗି କରୁଛନ୍ତି। କିନ୍ତୁ ବର୍ଷାଧିକ ହେଲାଣି, ଫୁଲ ରଖିବାର ଏହି ସ୍ଥାନରେ ଏସି ପାଣି ଗଳୁଛି। ଦିନତମାମ ଏଠାରେ ପାଣି ଗଳି ଫୁଲରେ ପଡୁଛି। ଫଳରେ ଫୁଲ ମାରା ହେଉଛି। ଶ୍ରୀମନ୍ଦିର ପ୍ରଶାସନକୁ ଛାମୁ ଖୁଣ୍ଟିଆ ନିଯୋଗ ବାରମ୍ବାର ଲିଖିତ ଆକାରରେ ଓ ଭେଟି କରି ଜଣାଇ ସାରିଲାଣି। କେବଳ ଛାମୁ ଖୁଣ୍ଟିଆ ନିଯୋଗ ନୁହେଁ, ଅନ୍ୟ ପାଳିଆ ନିଯୋଗମାନେ ଅଭିଯୋଗ କଲେଣି। ମାତ୍ର ପ୍ରଶାସନ ତିଳେମାତ୍ର କର୍ଣ୍ଣପାତ କରୁନାହିଁ। ବାଧ୍ୟବାଧକତାରେ ଏହି ଫୁଲକୁ ମହାପ୍ରଭୁଙ୍କୁ ଲାଗି ହେଉଛି। ଥଣ୍ଡା ଓ ପାଣି ଲାଗିଥିବା ଫୁଲ ଓ ମାଳ ଶ୍ରୀଅଙ୍ଗ ପାଇଁ ବିପଦ।

ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ଫୁଲମାଳ ଓ ଫୁଲର ଲାଗି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିବା ପାଇଁ ୫୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ଯେଉଁମାନେ ଫୁଲମାଳ କରୁଛନ୍ତି, ସେମାନେ ଫ୍ରିଜ୍‌ରେ ରହୁଥିବା ଫୁଲକୁ ମାଳ କରି ଦେଉଛନ୍ତି। ଏହା ଶ୍ରୀଅଙ୍ଗ ଲାଗି ବିପଦ ବୋଲି ଶ୍ରୀ ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ଶ୍ରୀ ଖୁଣ୍ଟିଆ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ନିଯୋଗ ତରଫରୁ ଏକାଧିକ ଥର ଲିଖିତ ଆକାରରେ ଶ୍ରୀମନ୍ଦିର ପ୍ରଶାସନକୁ ଅଭିଯୋଗ ହେଲାଣି। ନିକଟରେ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକରେ ବି ଏହି ଅଭିଯୋଗ କରିଥିଲି। ଇତିମଧ୍ୟରେ ଅନେକ ପ୍ରଶାସକ ବଦଳିଲେଣି, କିନ୍ତୁ କେହି ଶୁଣିବାକୁ ନାରାଜ। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ହେୟଜ୍ଞାନ କରି ଚାଲିଛନ୍ତି। ଯାହା ସେବାୟତଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ରାଜ୍ୟପାଳଙ୍କୁ ନୂତନ ବିଧାନସଭା ଗଠନ ପାଇଁ ବିଜ୍ଞପ୍ତି ପ୍ରଦାନ କଲେ ସିଇଓ

ଭୁବନେଶ୍ୱର, ୭/୬ (ନି.ପ୍ର): ଓଡିଶାର ନୂତନ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଓଡିଶା ରାଜପତ୍ରରେ ପୁନଃ ପ୍ରକାଶିତ ହୋଇଛି। ଗୁରୁବାର ଦିନ ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ବାଚନ ଆୟୋଗଙ୍କ ପ୍ରତିନିଧିଙ୍କ ସହ ଓଡିଶାର ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ଓ ଭାରତ ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ମହତୋ ଉପସ୍ଥିତ ରହି ଉକ୍ତ ବିଜ୍ଞପ୍ତିକୁ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।

# ବଦଳିଲା ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି: ଅର୍ପଣ ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ ବନ୍ଦ



ପୁରୀ, ୭/୬ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକ୍ରମେ ମହାପ୍ରଭୁଙ୍କ ଅର୍ପଣ ରଥ ଚାଉଳରେ ପ୍ରସ୍ତୁତ ହେଉଥିଲା କାନିକା, ଖେଚେଡ଼ି ଆଦି ମହାପ୍ରସାଦ। ସୁଆର ମହାସୁଆର ନିଯୋଗ ଏହାକୁ ଶ୍ରୀମନ୍ଦିର ରୋଷଶାଳାରେ ପ୍ରସ୍ତୁତ କରି ଶ୍ରୀମନ୍ଦିରର ତିନି ଦ୍ୱାରରେ ଭକ୍ତଙ୍କୁ ମାଗଣାରେ ବାଣ୍ଟୁଥିଲା। ଚଳିତବର୍ଷ ଫେବ୍ରୁଆରି ମାସରୁ ଭକ୍ତମାନେ ଏହି ମାଗଣା ମହାପ୍ରସାଦ ପାଇପାରୁଥିଲେ। କେହି କେହି ଅନୁରୋଧ କରି ପରିବାର ଲୋକ ପାଇବା ପାଇଁ ମହାପ୍ରସାଦ ନେଇ ଯାଉଥିଲେ। କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ହଠାତ୍ ଏହାକୁ ବନ୍ଦ କରି ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଖୁବଶୀଘ୍ର ଏ ଉପରେ ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିଯୋଗ ଭେଟିବ ବୋଲି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି। ଅପରପକ୍ଷେ ଏହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ଦେଖାଦେଇଛି। ଭକ୍ତ ଅଭିଯୋଗ କରିଛନ୍ତି, ଏହି ମହତ ବ୍ୟବସ୍ଥାରେ ଦୈନିକ ଶହ ଶହ ଗରିବ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଉଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ବନ୍ଦ ହୋଇଗଲେ, ଭକ୍ତମାନେ ମହାପ୍ରସାଦ ପାଇବାରୁ ବଞ୍ଚିତ ହେବେ। କେବଳ ଗରିବ ନୁହନ୍ତି, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତ ନିରାଶ ହେବେ। ଏଣୁ ଏହି ବ୍ୟବସ୍ଥା ପୁନଃପ୍ରଚଳନ କରିବାକୁ ଭକ୍ତମାନେ ଦାବି କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ଶ୍ରୀ ମହାସୁଆର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ସାରା ରାଜ୍ୟ ବୁଲିଥିବା ଅର୍ପଣ ରଥ ଜରିଆରେ ପ୍ରାୟ ୧୩ହଜାର କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରାଯାଇଥିଲା। ଯାହା ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଗଚ୍ଛିତ ରଖାଯାଇଥିଲା। ଏଥିରୁ ପ୍ରାୟ ୧୦ହଜାର ୭୪୨ କ୍ୱିଣ୍ଟାଲ ଚାଉଳରୁ କାନିକା, ଖେଚେଡ଼ି ଆଦି ପ୍ରସ୍ତୁତ ହୋଇ ଭକ୍ତଙ୍କୁ ବଣ୍ଟନ ସରିଛି। ବାକି ଚାଉଳକୁ କାନିକା, ଖେଚେଡ଼ି ଆଦି ବି ପ୍ରସ୍ତୁତ ହେବ। କିନ୍ତୁ ଆଜି ଶ୍ରୀମନ୍ଦିର ପ୍ରଶାସନ ଏହାକୁ ବନ୍ଦ କରି ଦେଇଛି। ନୂଆ ସରକାର ଆସିବା ପରେ ଏହା ପୁଣିଥରେ ଆରମ୍ଭ ହେବ ବୋଲି ଶ୍ରୀ ମହାସୁଆର ଆଶାପୋଷଣ କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ଶ୍ରୀ ମହାସୁଆର କହିଛନ୍ତି, ବହୁ ବର୍ଷ ହେବ ଶ୍ରୀମନ୍ଦିର ପ୍ରଶାସନ ମାଗଣା ମହାପ୍ରସାଦ ଭକ୍ତଙ୍କୁ ଦେଇ ଆସୁଥିଲା। ଏ ବାବଦ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରୁଥିଲା। ଏମାର ମଠ ଚକଡ଼ାରେ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ ହେଉଥିଲା। କିନ୍ତୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପରେ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା। ସୁଆର ମହାସୁଆର ନିଯୋଗ ଅନୁରୋଧକ୍ରମେ ଶ୍ରୀମନ୍ଦିର ପ୍ରଶାସନ ଅର୍ପଣ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବାର ବ୍ୟବସ୍ଥା କରିଥିଲେ। କିନ୍ତୁ ଆଜିଠାରୁ ଏହା ବନ୍ଦ କରି ଦିଆଯାଇଛି। ଏଣୁ ନିଯୋଗ ଏ ଦିଗରେ ଆଗାମୀ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବ ବୋଲି ଶ୍ରୀ ମହାସୁଆର କହିଛନ୍ତି।

# ଅସୁରକ୍ଷିତ ଏସ୍‌ସିବି ରେକର୍ଡ ରୁମ୍: ୪୦ ବର୍ଷ ହେଲା ଆଜବେଷ୍ଟସ ଘରେ ଗଦା ହେଉଛି ରେକର୍ଡ



କଟକ, ୭/୬ (ନି.ପ୍ର): ଏସ୍‌ସିବି ରେକର୍ଡ ରୁମ୍‌ରେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ରହିଛି ବିଭିନ୍ନ ରେକର୍ଡ। ଆଜବେଷ୍ଟସ କୋଠରୀରେ ୪୦ ବର୍ଷର ପୁରୁଣା ରେକର୍ଡ ଗଦା ହୋଇ ରହିଛି। ବର୍ଷା ହେଲେ ଘରେ ପାଣି ଝରୁଛି। ତହସିଲଠାରୁ ଆରମ୍ଭ କରି ବିଚାରବିଭାଗୀୟ ଅଦାଲତ ପର୍ଯ୍ୟନ୍ତ ସବୁଠି ରେକର୍ଡକୁ ଡିଜିଟାଇଜେସନ୍ କରାଯାଇଥିବା ବେଳେ ଏସ୍‌ସିବିରେ ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନି। ଯାହାଫଳରେ ମୃତ୍ୟୁ ପ୍ରମାଣପତ୍ର ଅଥବା ଅନ୍ୟ ଯେ କୌଣସି ପ୍ରମାଣପତ୍ର ପାଇବାକୁ ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ସଂପର୍କୀୟ। ଅନ୍ୟପଟେ ଏସ୍‌ସିବିରେ ସବୁ ବିଭାଗର ନିଜସ୍ୱ ରେକର୍ଡ ରୁମ୍ ବି ରହିଛି। କିନ୍ତୁ ଡିଜିଟାଇଜେସନ ହେଉ ନଥିବାରୁ ରୋଗୀ ସଂପର୍କୀୟଙ୍କୁ ଏମିତିକି ପୁଲିସକୁ ବି ବିଭିନ୍ନ ପ୍ରମାଣପତ୍ର ପାଇଁ ବିଭାଗକୁ ବିଭାଗ ଦୌଡ଼ିବାକୁ ପଡୁଛି। ରାଜ୍ୟର ସବୁଠାରୁ ବଡ ରେଫରାଲ ହସ୍ପିଟାଲ ହେଉଛି କଟକ ବଡଡାକ୍ତରଖାନା। କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରର ରୋଗୀ ବି ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ଦୁର୍ଘଟଣା ହେଉ କି ଆକ୍ରମଣରେ ଆହତ ହୋଇ ଲୋକ ଉତ୍ତମ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସୁଛନ୍ତି। ସେମାନଙ୍କ ଚିକିତ୍ସା ସଂପର୍କିତ ରେକର୍ଡ ଏସ୍‌ସିବି ରେକର୍ଡ ରୁମ୍‌ରେ ରଖାଯାଇଥାଏ। ରୋଗୀଙ୍କ ମୃତ୍ୟୁ ହେଲେ ତାର ପ୍ରମାଣପତ୍ର ହେଉ କି ଅଦାଲତରେ ଗଡୁଥିବା ମାମଲାରେ ମୃତାହତଙ୍କ ଚିକିତ୍ସା ସଂପର୍କିତ ରେକର୍ଡ ହେଉ, ବିଭିନ୍ନ ସମୟରେ ତାହା ଆବଶ୍ୟକ ପଡିଥାଏ। ୧୯୮୪ରୁ ଆଜବେଷ୍ଟସ ଘରେ ଚାଲିଛି ଏସସିବିର ରେକର୍ଡ ରୁମ୍। କିନ୍ତୁ ତାହା ଅସୁରକ୍ଷିତ ଓ ଅବ୍ୟବସ୍ଥିତ ଅବସ୍ଥାରେ ପଡି ରହିଥିବାରୁ ଏଥିରେ ସାଧାରଣ ଲୋକ ସମସ୍ୟାରେ ପଡୁଛନ୍ତି। ଧୀରେ ଧୀରେ ସ୍ଥିତି ଏମିତି ହେଲାଣି ଯେ, ରେକର୍ଡ ଖୋଜିବା ବି ଆଉ ସମ୍ଭବ ହେଉ ନାହିଁ। ମେଡିକୋଲିଗାଲ ରେକର୍ଡ, ଏମ୍‌ଏଲ୍‌ସି ଇତ୍ୟାଦି ରେକର୍ଡ ରୁମ୍‌ରେ ଗଦା ହୋଇରହିଛି। ସବୁ ବିଭାଗର ନିଜସ୍ୱ ରେକର୍ଡ ରୁମ୍ ଅବ୍ୟବସ୍ଥା ବି ଏଭଳି ସ୍ଥିତିରେ ରହିଛି। ଏସ୍‌ସିବିର ରେକର୍ଡ ରୁମ୍ ଡିଜିଟାଇଜେସନ୍ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁନି। ୨୦୧୯ ଏପ୍ରିଲ ୪ରେ ଅଗ୍ନିକାଣ୍ଡ ଯୋଗୁଁ ଅନେକ ରେକର୍ଡ ପାଉଁଶ ହୋଇଯାଇଥିଲା। ଏପଟେ ୧୯୯୯ ମହାବାତ୍ୟା ସମୟରେ ପୁରୁଣା କୋଠା ଭୁଶୁଡିବା ଫଳରେ ମଧ୍ୟ ଅନେକ ରେକର୍ଡ ନଷ୍ଟ ହୋଇଥିଲା। ତେଣୁ ତୁରନ୍ତ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

# ସ୍କୁଟି ଡିକି ଭାଙ୍ଗି ସାତ ଲକ୍ଷ ଟଙ୍କା ଲୁଟ୍

ଜୟପୁର, ୭/୬ (ନି.ପ୍ର): ଜୟପୁର ସହରରେ ସ୍କୁଟି ଭାଙ୍ଗି ସାତ ଲକ୍ଷ ଟଙ୍କା ଲୁଟ ହୋଇଛି। ରଜାନହର କଣ୍ଡରା ସାହି ନିକଟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ ମାଦଳା ସାହିର ରାହୁଲ ଦେବ ସାମନ୍ତରାୟ ସ୍କୁଟି ରଖି ମୋବାଇଲ ଦୋକାନରୁ ସିମ ଆଣିବା ସମୟରେ ଦୁର୍ବୃତ୍ତ ମାନେ ଡିକି ଭାଙ୍ଗି ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିଲେ। ରାହୁଲ ଏସବିଆଇ ଜୟପୁର ଶାଖାରୁ ଟଙ୍କା ଉଠାଇ ଆସୁଥିବା ବେଳେ ୪ ଜଣ ଯୁବକ ୨ଟି ବାଇକରେ ପିଛା କରି ଆସିଥିଲେ। ମୋବାଇଲ ଦୋକାନରେ ସ୍କୁଟି ରଖିବା ମାତ୍ରେ ଡିକି ଭାଙ୍ଗି ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ଡିକିରେ ୭ ଲକ୍ଷ ଟଙ୍କା ଥିଲା। ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଶୀତଳ ଷଷ୍ଠୀ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର, ୭/୬ (ନି.ପ୍ର): ଆଜି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପବିତ୍ର ଶୀତଳ ଷଷ୍ଠୀ ପାଇଁ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ସମୟରେ ଅନୁଷ୍ଠାନ, ପୂଜା କମିଟି ଓ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଉତମ ଆଚରଣ ଓ ସମନ୍ୱୟ ରକ୍ଷା ପାଇଁ ଜିଲ୍ଲାପାଳ କାମନା କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲିବା, ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲିବା, ପ୍ରତ୍ୟେକ ପୂଜା କମିଟିକୁ ଓ.ଆର.ଏସ୍ ପ୍ୟାକେଟ୍ ର ବ୍ୟବସ୍ଥା, ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭ୍ରାମ୍ୟମାଣ ଆମ୍ବୁଲାନ୍ସର ବ୍ୟବସ୍ଥା, ରାସ୍ତା ସଫେଇ, ଡ୍ରେନ୍ ପାଇପ୍ ସଫେଇ, ରିଙ୍ଗରୋଡ୍ ନାଳ ସଫେଇ, ସହରର ହୋଟେଲ୍ ଓ ରେଷ୍ଟୁରାଂଟରେ ଖାଦ୍ୟର ପ୍ରସ୍ତୁତି ଓ ଗୁଣବତା ଯାଂଚ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଯୋଧା ସରୋବରର ଜଳସ୍ତର ରକ୍ଷଣାବେକ୍ଷଣ, ବାଲିବନ୍ଧର ସୁଇସ୍ ଗେଟ୍ ପରିଚାଳନା, ପର୍ବ ସମୟରେ ସହରରେ ୨୪ ଘଂଟିଆ ପାନୀୟ ଜଳ ଯୋଗାଣ, ବିଭିନ୍ନ ସ୍ଥାନରେ ସିନ୍ଟେକ୍ସ ଟାଙ୍କି ବ୍ୟବସ୍ଥା, ପ୍ରତି ଶୋଭାଯାତ୍ରାରେ ଗୋଟିଏ ଲେଖାଏଁ ପାଣି ଟ୍ୟାଙ୍କରର ବ୍ୟବସ୍ଥା, ପର୍ବ ସମୟରେ ସହରରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ, କଂଟ୍ରୋଲ ରୁମ୍ କାର୍ଯ୍ୟ, ଜରୁରୀକାଳୀନ ମୁକାବିଲା ପାଇଁ ଥାନାରେ କନିଷ୍ଠ ଯନ୍ତ୍ରୀ ଓ ଅଧୀନସ୍ଥ କର୍ମଚାରୀଙ୍କୁ ନିୟୋଜିତ କରିବା, ରାସ୍ତାପାର୍ଶ୍ୱ ଓ ରିଙ୍ଗରୋଡରେ ଅତିରିକ୍ତ ଆଲୋକ ବ୍ୟବସ୍ଥା, ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି ଓ କାର୍ଯ୍ୟ, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା, ସତର୍କତାମୂଳକ ଅଗ୍ନି ନିରାପତା ବ୍ୟବସ୍ଥା, ଜରୁରୀକାଳୀନ ମୁକାବିଲା ପାଇଁ ଅଗ୍ନିଶମ ବାହିନୀର ବ୍ୟବସ୍ଥା, ମଦ ଦୋକାନ ବନ୍ଦ, ଟେଲିଭିଜନରେ ଉତ୍ସବର ସିଧା ପ୍ରସାରଣ, ଆଇନଶୃଙ୍ଖଳା ବଜାୟ ରଖିବା, ପୁଲିସ ମୁତୟନ, ପୁଲିସର ଟ୍ରାଫିକ୍ ନିୟନ୍ତ୍ରଣ ଓ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏସ୍ ପି ମୁକେଶ ଭାମୁ, ଏସ୍ ଏମ୍ ସି କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ବିଭାଗୀୟ ଅଧିକାରୀ ଓ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସୃଷ୍ଟି ଓ ସମାଜର ଆତ୍ମା -ନାରୀ'...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପ୍ରାଚୀନ ଯୁଗର ମୁନୀ, ଋଷି ଓ ପଣ୍ଡିତଙ୍କ ଠାରୁ ଆଧୁନିକ କବି ପର୍ଯ୍ୟନ୍ତ ସମସ୍ତଙ୍କ ଲେଖନୀ ମୁନରେ ନାରୀ ଜାତିର ବୈଶିଷ୍ଟ୍ୟ ତଥା ମହାନତାର ଉଲ୍ଲେଖ କରାଯାଇଅଛି।କିନ୍ତୁ ପୁରାତନ ପ୍ରବାଦରେ ନାରୀକୁ ଦୁର୍ବଳା ଆଖ୍ୟା ଦିଆଯାଇ ସେମାନଙ୍କୁ ଉପେକ୍ଷା କରାଯାଉଥିବାର ଚିତ୍ର ସ୍ପଷ୍ଟ ବାରି ହେଉଛି। ଆଜିର ନାରୀ ଦୁର୍ବଳା ନୁହେଁ, ସେ ସ୍ୱାବଲମ୍ବୀ ହୋଇ ପାରିଛି । ମହିଳାମାନଙ୍କ ମୌଳିକ ଅଧିକାର ର ସୁରକ୍ଷା ତଥା ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ଅନେକ ନୀତି ନିୟମ ପ୍ରଣୟନ କରା ଯାଇଥିବାରୁ କ୍ରମେ ମହିଳା ମାନେ ବିଭିନ୍ନ ନିଯୁକ୍ତି ସଂସ୍ଥା ରେ ଯୋଗ ଦେଇ ସେମାନଙ୍କର ଦକ୍ଷତା ପ୍ରତିପାଦିତ କରି ପାରିଛନ୍ତି। ଆଧୁନିକ ଯୁଗରେ ମହିଳାମାନେ କ୍ରମେ ଉଚ୍ଚ ଶିକ୍ଷିତା ହୋଇ ବିଭିନ୍ନ ଉଚ୍ଚ ପଦବୀ ଯଥା କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି । ବିଭିନ୍ନ ପ୍ରଶାସନିକ ସେବା ଯଥା ଭାରତୀୟ ପ୍ରଶାସନିକ ସେବା, ବିଦେଶ ସେବା,ପୋଲିସ ସେବା ଏବଂ ସେନା ବିଭାଗରେ ମଧ୍ୟ ଯୋଗ ଦେଉଥିବାର ଲକ୍ଷ୍ୟ କରାଯାଉଛି । ରାଜନୀତି, ଖେଳ, ସମ୍ବାଦ ପରିବେଷଣ, କଳା, ସଂସ୍କୃତି ଓ ଚଳଚ୍ଚିତ୍ର - ପ୍ରାୟ ସମାଜର ପ୍ରତ୍ୟେକ ବିଭାଗ ଓ କ୍ଷେତ୍ରରେ ନାରୀ ମାନଙ୍କର ଭୂମିକା ଉଚ୍ଚ ପ୍ରଶଂସିତ ।କଳ୍ପନା ଚାୱଲା ପରି ନାରୀ ବି ମହାକାଶ ଗବେଷଣା କ୍ଷେତ୍ରରେ ପାଦ ଦେଇଛି। ସଭ୍ୟତାର ବିକାଶ ଆଜି ଚରମ ସୀମାରେ ।ତଥାପି ନାରୀ ନିର୍ଯାତନା, ଦୁଷ୍କର୍ମ,ବ୍ୟଭିଚାର ପୂର୍ବ ପରି ବଳବତ୍ତର ରହିଛି। ସମାଜରେ ଦୁର୍ବଳ ମାନସିକତା ସମ୍ପନ୍ନ ବ୍ୟକ୍ତି ବିଶେଷ ନାରୀଙ୍କୁ ଉପଭୋଗର ବସ୍ତୁ ବୋଲି ମନେକରି ଘୃଣ୍ୟ କାମ କରିବାକୁ ହଟୁ ନାହାନ୍ତି । ସମାଜରେ ପରିବର୍ତ୍ତନ ପାଇଁ ସାମାଜିକ ସଚେତନତା ସତ୍ତ୍ୱେ ଅପରାଧ ବୃଦ୍ଧି ପାଇଛି। ନାରୀ ମାନଙ୍କୁ ଏ କ୍ଷେତ୍ରରେ ଅଧିକ ସଚେତନ ହେବା ସହିତ ଆତ୍ମରକ୍ଷା କୌଶଳ ଅବଲମ୍ବନ କରିବା ନିହାତି ବିଧେୟ।

+ଶିକ୍ଷା ଅଧ୍ୟାପିକା
ତୁମୁଡିବନ୍ଧ, କନ୍ଧମାଳ

## ଉତ୍କଳିକା ପକ୍ଷରୁ ସମ୍ବଲପୁରରେ ହସ୍ତଶିଳ୍ପ ପ୍ରଦର୍ଶନୀ

ସମ୍ବଲପୁର, ୭/୬ (ନି.ପ୍ର): ଶୀତଳଷଷ୍ଠୀ ଉପଲକ୍ଷେ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତକୁ ବ୍ୟାପକ କରିବା ଲକ୍ଷ୍ୟରେ ସମ୍ବଲପୁରରେ ଆକର୍ଷଣୀୟ ପ୍ରଦର୍ଶନୀ ହେବ। ''ଉତ୍କଳିକା'' ଆନୁକୁଲ୍ୟରେ ଓଡ଼ିଶାର ସମସ୍ତ କୋଣର ହସ୍ତଶିଳ୍ପ ତଥା ହସ୍ତତନ୍ତ ପ୍ରଦର୍ଶନୀ ଆସନ୍ତା କାଲିଠାରୁ ବୁଧବାର ପର୍ଯ୍ୟନ୍ତ ଡାନ୍ସ ଫ୍ଲୋର ହଲ୍, ଭିଏସଏସ ମାର୍ଗ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ସ୍ଥିତ ''ଉତ୍କଳିକା''ର ଅଧିକାରୀ ଦୀନବନ୍ଧୁ ପଣ୍ଡା ଓ ସଂଯୋଜକ ପ୍ରମୋଦ କୁମାର ମହାପାତ୍ର ବିଭିନ୍ନ ସୂଚନା ଦେଇଛନ୍ତି । ଓଡ଼ିଶାର ହସ୍ତଶିଳ୍ପ ଚାନ୍ଦୁଆ କାମ, ଡୋକରା କାଷ୍ଟିଙ୍ଗ, ପଥର ଶିଳ୍ପ, କାଠ ଖୋଦେଇ କାମ, ପଟ୍ଟଚିତ୍ର, ତାଳପତ୍ର ପେଂଟିଙ୍ଗ, ସବାଇଗ୍ରାସ, ଟେରାକୋଟା, ଝୋଟ କାମ, କାଠ ପେଂଟିଙ୍ଗ, ଟସର ପେଂଟିଙ୍ଗ, ଗୋଲଡେନ୍ ଗ୍ରାସ, ସମ୍ବଲପୁରୀ ହସ୍ତ ତନ୍ତ ଶାଢ଼ି, ଖଣ୍ଡୁଆ, ସମ୍ବଲପୁରୀ ଗହଣା ବିଶେଷ ଭାବରେ ପ୍ରଦର୍ଶନ କରାଯିବ । ଏହି ପ୍ରଦର୍ଶନୀ ପାଇଁ ''ଉତ୍କଳିକା'' ବିଶେଷ ଭାବରେ ହସ୍ତଶିଳ୍ପ ଉପରେ ୧୦ ଓ ହସ୍ତ ତନ୍ତ ଉପରେ ୨୦ ଯୁକ୍ତ ୧୦ ପ୍ରତିଶତ ବିଶେଷ ରିହାତି ଦେବାର ବ୍ୟବସ୍ଥା କରାଯାଇଥିବା ନେଇ ଆହୁତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

## ଆଦର୍ଶ ଶିକ୍ଷକ ଈଶ୍ୱର ସାହୁଙ୍କ ଦେହାନ୍ତ ଏକ ଯୁଗର ଅବସାନ: ତାଙ୍କ ଦ୍ୱାଦଶାହ ଦିବସରେ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ

କେନ୍ଦ୍ରାପଡ଼ା, ୭/୬ (ନି.ପ୍ର): ଶତାୟୁ ଈଶ୍ୱର ଚନ୍ଦ୍ର ସାହୁଙ୍କ ମହାପ୍ରୟାଣର ଦ୍ୱାଦଶାହରେ କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ଚାଟରାପାଟଣାଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା କହିଲେ ଈଶ୍ୱର ଚନ୍ଦ୍ର ସାହୁ ଜାତକ ଅନୁଯାୟୀ ୯୯ ବର୍ଷ ୬ ମାସରେ ଦେହାନ୍ତ ହୋଇଥିଲା। ତେଣୁ ୬ ମାସରୁ ଉର୍ଦ୍ଧ୍ୱ ହେଲେ ତାକୁ ଗୋଟିଏ ବର୍ଷ ବୋଲି ଗଣନା କରାଯାଇଥାଏ। ଏଣୁ ସେ ଶତାୟୁ ପୁରୁଷ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କ ସମୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ହେଉଛନ୍ତି ଶେଷ ପିଢ଼ି । ଏଣୁ ଏକ ଯୁଗର ଅବସାନ ହେଲା । ଏହି ଅବସରରେ ପଣ୍ଡିତ ହୃଷିକେଶ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଦୈନିକ ଖବର କାଗଜ ଓ ଓଡିଶା ଏକ୍ସପ୍ରେସ୍‌ର ମୁଖ୍ୟ ସମ୍ପାଦକ ଅମ୍ବିକା ପ୍ରସାଦ ଦାସ ଯୋଗଦାନ କରି ଈଶ୍ୱର ସାର୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ନନ୍ଦ କିଶୋର ପରିଡା, ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ହେମନ୍ତ କୁମାର ଜେନା, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗଣେଶ ଚନ୍ଦ୍ର ସାମଲ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପସଭାପତି ପାର୍ବତୀ ନାୟକ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ଉପଦେଷ୍ଟା କାର୍ତ୍ତିକ ଚରଣ ନାୟକ, କୋଷାଧକ୍ଷ ନୃସିଂହ ଚରଣ ତ୍ରିପାଠୀ, ସହସମ୍ପାଦକ ଶ୍ରୀଧର କୁମାର ଭୋଳ ଓ ଶରତ କୁମାର ରାଉତ, କେନ୍ଦ୍ରାପଡା ପୌରସଂସ୍ଥାର ଅଧକ୍ଷ ସରିତା ସାହୁ, ପ୍ରାକ୍ତନ ଅଧକ୍ଷ ଧିରେନ କୁମାର ସାହୁ, ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାସ, ଜ୍ୱାଇଁ ନାରାୟଣ ବେହେରା ଓ ଗୋବର୍ଦ୍ଧନ ସାହୁ, ପୁଅ ରବିନ୍ଦ୍ର କୁମାର ସାହୁ, ଦେବେନ୍ଦ୍ର କୁମାର ସାହୁ, ରାଜକିଶୋର ସାହୁ, ଅଶୋକ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଝିଅ ମମତା ସାହୁ, ନମିତା ସାହୁ, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟର ସମ୍ପାଦକ ଅଜୟ କୁମାର ସାମଲ, ଶୁକ୍ଳାମ୍ବର ସାମଲ, କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ପ୍ରତିଷ୍ଠାତା ପ୍ରମୋଦ କୁମାର ସାହୁ, ଧରଣୀଧର ଜେନା ଓ ରମଣୀରଞ୍ଜନ ରାଉତରାୟ ସମେତ ଶତାଧିକ ବିଶିଷ୍ଟ ବ୍ୟକ୍ତିମାନେ ବକ୍ତବ୍ୟ ଉପସ୍ଥାପନ କରି ଈଶ୍ୱର ସାର୍‌ଙ୍କ ବହୁମୁଖୀ ପ୍ରତିଭା ଓ ତାଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ବାର୍ଷିକ ପୁଣ୍ୟତିଥିରେ ଏକ ସ୍ମରଣିକା ପ୍ରକାଶ କରିବାକୁ ସ୍ଥିର କରାଗଲା । ଏଥିନିମନ୍ତେ ଲେଖା ତାଙ୍କ ଘରକୁ କିମ୍ବା ହେମନ୍ତ ଜେନାଙ୍କ ନିକଟକୁ ପଠାଇବାକୁ ସ୍ଥିର କରାଗଲା । କବି ଶୈଳଜା ଶଙ୍କର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲକ ସେଠୀ ଆବାହନୀ ସଙ୍ଗୀତ ଗାନ କରିଥିବା ବେଳେ ଅଶୋକ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ତାଙ୍କ ସ୍ମୃତି ଓ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦୀଙ୍କୁ ସରକାର ଗଠନ.....

ଆମେ ରାଷ୍ଟ୍ରପତିଙ୍କୁ ମନ୍ତ୍ରିମଣ୍ଡଳର ତାଲିକା ପ୍ରଦାନ କରିବୁ। ଏହାପରେ ଶପଥପାଠ କାର୍ଯ୍ୟକ୍ରମ ଆୟୋଜନ ହେବ। ଆଜି ସକାଳେ ଏନଡିଏର ସବୁ ସହଯୋଗୀ ଦଳ ମୋତେ ପୁଣି ଥରେ ଏହି ପଦରେ କାମ କରିବାକୁ ଚୟନ କରିଥିଲେ।" ଚଳିତ ଲୋକସଭା ନିର୍ବାଚନରେ ବିଜେପି ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ହାସଲ କରି ପାରି ନାହିଁ। କିନ୍ତୁ ବିଜେପି ସହ ଥିବା ଟିଡିପି, ଜେଡିୟୁ, ଶିବସେନେ ଓ ଏଲଜେପି(ଆର) ମିଳିତ ଭାବେ ସରକାର ଗଠନ କରିବାକୁ ଆବଶ୍ୟକ ୨୭୨ ଅଙ୍କକୁ ବେଶ ସହଜରେ ହାସଲ କରିନେଇଛନ୍ତି। ଆଜି ମେଣ୍ଟ ପକ୍ଷରୁ ଏନଡିଏରେ ଥିବା ସାଂସଦମାନଙ୍କ ତାଲିକା ମଧ୍ୟ ରାଷ୍ଟ୍ରପତିଙ୍କୁ ଦିଆଯାଇଛି।

### ୬ ମାସ ଛୁଟିରେ...

ସୁଜାତାଙ୍କର ପିଲାର ଯତ୍ନ ପାଇଁ ନେଇଥିବା ଅବଧିର ଛୁଟିକୁ ସାଧାରଣ ଛୁଟିରୁ ବାଦ୍ ଦିଆଯିବ ନାହିଁ । ପିଲାର ଯତ୍ନ ପାଇଁ ନେଇଥିବା ଛୁଟିକୁ ସବୈତନିକ ଛୁଟି ଭାବେ ବିବେଚନା କରାଯିବ ଓ ଛୁଟି ସରିବା ପରେ ଉକ୍ତ ଦରମା ପାଇବାକୁ ସେ ହକଦାର ହେବେ ବୋଲି ଅଫିସ୍ ଅର୍ଡରରେ ଉଲ୍ଲେଖ ରହିଛି । ସାଧାରଣ ବିଭାଗର ଏହି ନିର୍ଦ୍ଦେଶାବଳୀରେ ସୁଜାତା ମେ' ୧୦ତାରିଖରୁ ଛୁଟିରେ ରହିଛନ୍ତି । ପିଲା ଯତ୍ନ ପାଇଁ ୬ମାସ ଛୁଟି(ମେ' ୩୧ରୁ ନଭେମ୍ବର ୨୬) ଅବଧିକୁ ପିଛିଲା ଭାବେ ଜୁନ୍ ୫ତାରିଖରେ ମଞ୍ଜୁର ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ସୁଜାତା ହେଉଛନ୍ତି ବିଜେଡି ନେତା ପାଣ୍ଡିଆନଙ୍କ ପତ୍ନୀ । ରାଜ୍ୟର ପ୍ରଭାବଶାଳୀ ଆଇଏଏସ୍ ଭାବେ ପରିଚିତ ସୁଜାତାଙ୍କୁ ନିର୍ବାଚନ କମିଶନଙ୍କ ଛାଟ ପଡ଼ିଥିଲା ଓ ତାଙ୍କୁ ମିଶନ ଶକ୍ତି ବିଭାଗରୁ ବଦଳି କରାଯାଇଥିଲା । ରାଜ୍ୟରେ ୧୦ତାରିଖରେ ବିଜେପି ସରକାର ଗଠନ ହେଉଥିବାରୁ ସୁଜାତା ନିଜ ଝିଅର ପାଠପଢ଼ାର ବାହାନା ଦେଖାଇ ଛୁଟିରେ ପଳାଇଥିବା ଚର୍ଚ୍ଚା ହେଉଛି ।

### ଏନଡିଏ ବୈଠକରେ ଓଡ଼ିଶାକୁ ...

ସଂସଦୀୟ ଦଳ ବୈଠକକୁ ସମ୍ବୋଧିତ କରି ମୋଦି କହିଛନ୍ତି, ସର୍ବସମ୍ମତି କ୍ରମେ ମୋତେ ବାଛି ନୂଆ ଦାୟିତ୍ୱ ଦେଇଥିବାରୁ ମୁଁ ଆପଣମାନଙ୍କ ପାଖରେ କୃତଜ୍ଞ। ସଂସଦରେ ଯେକୌଣସି ଦଳର ସାଂସଦ ମୋ ପାଇଁ ସମାନ। ମୋ ପାଖରେ ନିଜ, ପର ଭେଦଭାବ ନାହିଁ, ସମସ୍ତେ ସମାନ। ଆଗାମୀ ୧୦ ବର୍ଷରେ ଗୁଡ୍ ଗଭର୍ଣ୍ଣାନ୍ସ, ବିକାଶର ନୂଆ ଅଧ୍ୟାୟ ଲେଖାଯିବ। ସମସ୍ତେ ମିଶି ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ସୁରକ୍ଷାକର୍ମୀଙ୍କ ଗୁଳିରେ...

ମିଳିତ ଭାବେ ଜଙ୍ଗଲରେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ଖବର ପାଇଥିଲେ। ଏହାପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ମିଳିତ ଅପରେସନ କରାଯାଇଥିଲା। ନକ୍ସଲମାନେ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଗୁଳିମାଡ଼ ଆରମ୍ଭ କରି ଦେଇଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀମାନେ ଦେଇଥିଲେ। ଦୀର୍ଘ ସମୟ ଧରି ଚାଲିଥିବା ଗୁଳିବିନିମୟ ଶେଷ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ ୫ ଜଣ ନକ୍ସଲଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ମିଳିଛି। ତେବେ ସେମାନଙ୍କର ପରିଚୟ ମିଳିନାହିଁ। ସେହିପରି ଅପରେସନ ବେଳେ ଆହତ ହୋଇଥିବା ୩ ଜଣ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିଲା। ଏହାପରେ ସେମାନଙ୍କୁ ହେଲିକପ୍ଟର ଯୋଗେ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### କେନ୍ଦ୍ରରେ ମନ୍ତ୍ରୀମଣ୍ଡଳ କସରତ:...

ତେଣୁ ସେ ସହଯୋଗୀଙ୍କୁ ଯେଉଁ ମନ୍ତ୍ରଣାଳୟ ଦେଉଥିଲା ସେମାନେ ନେଉଥିଲେ । ଏବେ କିନ୍ତୁ ସ୍ଥିତିରେ ପରିବର୍ତନ ଆସିଥିବାରୁ ସହଯୋଗୀ ପ୍ରମୁଖ ମନ୍ତ୍ରଣାଳୟ ପାଇଁ ମୁଲଚାଲ କରୁଛନ୍ତି । ପ୍ରତିରକ୍ଷା, ଅର୍ଥ, ଗୃହ ଓ ବୈଦେଶିକ ବ୍ୟାପାର, ରେଲୱେ ବ୍ୟତୀତ ଭିତ୍ତିଭୂମି ବିକାଶ, କଲ୍ୟାଣ, ଯୁବ ବ୍ୟାପାର ଏବଂ କୃଷି ମନ୍ତ୍ରଣାଳୟକୁ ମଧ୍ୟ ବିଜେପି ନିଜ ପାଖରେ ରଖିବାକୁ ଚାହୁଁଛି । ଗରିବ, ମହିଳା, ଯୁବକ ଓ କୃଷକ ଙ୍କ ଭଳି ୪ଟି ପ୍ରମୁଖ ବର୍ଗଙ୍କ ପାଇଁ ଯୋଜନା କାର୍ଯ୍ୟକାରୀ କରିବାକୁ ଏହି ବିଭାଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । ତେବେ ସହଯୋଗୀଙ୍କୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ଏବଂ ଇସ୍ପାତ ଭଳି ବିଭାଗ ଟିଡିପିକୁ ଦିଆଯାଇପାରେ । ଭାରୀ ଶିଳ୍ପର ଦାୟିତ୍ୱ ଶିବସେନାକୁ ଦିଆଯାଇପାରେ । ଅର୍ଥ ଓ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ଏନଡିଏର ସହଯୋଗୀ ମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇପାରେ ବୋଲି ଜଣାପଡିଛି । ପର୍ଯ୍ୟଟନ, ଏମଏସଏମଇ, ଦକ୍ଷତା ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପୃଥିବୀ ବିଜ୍ଞାନ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଭଳି ଅନ୍ୟ ମନ୍ତ୍ରଣାଳୟକୁ ସହଯୋଗୀ ରାଷ୍ଟ୍ରମାନଙ୍କୁ ହସ୍ତାନ୍ତର କରାଯିବାର ସମ୍ଭାବନା ରହିଛି ।

### ରାହୁଲଙ୍କୁ କାଠଗଡ଼ାକୁ ଟାଣିଥିଲା...

ବିଜେପି ନେତା ୪୦% କମିଶନ ଖାଉଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏକ ଦୁର୍ନୀତି ରେଟ୍ କାର୍ଡ ବି ସାର୍ବଜନୀନ କରିଥିଲା। । ବିଜେପି ବିଧାୟକ ତଥା ଜେନେରାଲ ସେକ୍ରେଟାରୀ କେଶବ ପ୍ରସାଦ ଏହି ମାମଲାରେ କଂଗ୍ରେସ ନେତାଙ୍କୁ କାଠଗଡ଼ାକୁ ଟାଣିଥିଲେ। ଏପରିକି ମିଥ୍ୟା ବିଜ୍ଞାପନ ଦେଇ ବିଜେପିର ଛବି ମଳିନ କରିବା ସହ ସାଧାରଣ ଜନତାଙ୍କୁ ଭ୍ରମିତ କରିବା ନେଇ ସେ ଡି.କେ ଶିବକୁମାର, ସିଦ୍ଧରମୈୟା ଓ ରାହୁଲ ଗାନ୍ଧିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଗତ ୧ ତାରିଖରେ ବାଙ୍ଗାଲୁରୁ କୋର୍ଟ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଦିନ ରାହୁଲ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ - ବିହୀନ ଗିରଫ ପରୱାନା ଜାରି କରିବାକୁ ବିଜେପି ପକ୍ଷରୁ ଦାବି କରାଯାଇଥିଲା। ଏହାପରେ କୋର୍ଟ ପକ୍ଷରୁ ତାଙ୍କୁ ଆଜି ହାଜର ହେବାକୁ କୁହାଯାଇଥିଲା। ଆଜି ରାହୁଲ କୋର୍ଟରେ ହାଜର ହୋଇଥିବା ବେଳେ ସେଠାରେ ମାମଲାର ଶୁଣାଣି ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହାପରେ ରାହୁଲ କୋର୍ଟରୁ ବାହାରି ଯାଉଥିବା ଦେଖିବାକୁ ମିଳିଥିଲା।

## ଫୁଲବାଣୀ ବିଧାୟକ ଉମାଚରଣଙ୍କୁ ମନ୍ତ୍ରୀ ପଦବୀ ପାଇଁ କୁଇ ସମାଜର ଦାବି

କନ୍ଧମାଳ, ୭/୬ (ନି.ପ୍ର): ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ଫୁଲବାଣୀ ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଉମାଚରଣ ମଲ୍ଲିକଙ୍କୁ ରାଜ୍ୟ ମନ୍ତ୍ରୀ ପରିଷଦରେ ସ୍ଥାନୀତ କରିବା ପାଇଁ କୁଇ ସମାଜ ସ୍ୱେ ସମିତି ପକ୍ଷରୁ ଦାବୀ କରାଯାଇଛି। ଏ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପତ୍ର ଲେଖିଛି କୁଇ ସମାଜ।

ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ କନ୍ଧମାଳର ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଏକମାତ୍ର ବିଜେପି ପ୍ରାର୍ଥୀ ଭାବେ ଉମାଚରଣ ବିଜୟୀ ହୋଇଛନ୍ତି। ସେ ଜଣେ ଶିକ୍ଷିତ ରାଜନେତା ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭାବେ ମନ୍ତ୍ରୀ ହେବା ପାଇଁ ସମସ୍ତ ଯୋଗ୍ୟତା ବହନ କରୁଥିବା କହିଛି କୁଇ ସମାଜ। ଅପରପକ୍ଷରେ, ଏ ଦିଗରେ ଆଦିବାସୀ ଅଧୁଷିତ କନ୍ଧମାଳ ଜଲା ପ୍ରତି ସବୁବେଳେ ରାଜନୈତିକ ଦଳ ମାନେ ବୈମାତୃକ ମନୋଭାବ ଦେଖାଇଥିବା କୁହାଯାଇଛି। କନ୍ଧମାଳରୁ ଆଦିବାସୀ ନେତା ହିସାବରେ ୨୦୦୦ ମସିହା ପୂର୍ବରୁ ଶେଷ ଥର ପାଇଁ ଜି ଉଦୟଗିରି ବିଧାୟକ ନାଗାର୍ଜୁନ ପ୍ରଧାନ, ମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ। ତା ପରଠାରୁ ଆଉ କୌଣସି ଆଦିବାସୀ ନେତା ଏହି ସୁଯୋଗ ପାଇ ନାହାନ୍ତି। ସେହିଭଳି ବିଜେଡି ଦଳ ମଧ୍ୟ ଗତ ତିନି ଥର ମଧ୍ୟରେ ଜିଲାରୁ କାହାରିକୁ ମନ୍ତ୍ରୀ କରିନାହିଁ। ଚଳିତ ନିର୍ବାଚନରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଭୋଟର ବିଜେପି ପ୍ରତି ସମର୍ଥନ ଜଣାଇ ପ୍ରଥମ ଥର ପାଇଁ ଦଳୀୟ ପ୍ରାର୍ଥୀ ଉମାଚରଣଙ୍କୁ ବିଜୟୀ କରିଛନ୍ତି। ନବ ନିର୍ବାଚିତ ବିଧାୟକ କୁଇ ସମାଜ ସହ ବହୁ ଦିନରୁ ସଂଶ୍ଳିଷ୍ଟ ଏବଂ ଜଣେ ସାମାଜସେବୀ ହିସାବରେ ପରିଚିତ।

ଅପରପକ୍ଷରେ, ଜିଲ୍ଲାର ବିଧାୟକ ମାନଙ୍କୁ ମନ୍ତ୍ରୀ ପରିଷଦରେ ପ୍ରତିନିଧିତ୍ୱ ମିଳୁ ନ ଥିବାରୁ ୫୩ ପ୍ରତିଶତ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ କନ୍ଧମାଳ ଜିଲ୍ଲାର ପ୍ରଗତି ବାଧାପ୍ରାପ୍ତ ହେଉଛି ବୋଲି ଆଜି ସ୍ଥାନୀୟ କୁଇ ସମାଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ସମାଜ କର୍ମକର୍ତା। ତେଣୁ ଜିଲ୍ଲାର ସ୍ୱାର୍ଥ ତଥା ଉମାଚରଣଙ୍କ ଯୋଗ୍ୟତାକୁ ଆଧାର କରି ତାଙ୍କୁ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ସାମିଲ କରିବା ପାଇଁ କୁଇ ସମାଜ ପକ୍ଷରୁ ଦାବୀ କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଇ ସମାଜ ସମ୍ପାଦକ ଅବନୀ କୁମାର କହଁର, ବାଲିଗୁଡା ଶାଖା ସଭାପତି ମନୋଜ କୁମାର ମଲ୍ଲିକ, ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କହଁର, ନାରୀସଂଘ ସଭାପତି ସୌଦାମିନୀ କହଁର, କୋଷାଧକ୍ଷ ଭାବୀନ୍ଦ୍ର କହଁର, ଯୁଗ୍ମ ସମ୍ପାଦକ ଅଚ୍ୟୁତ ଜାନୀ ପ୍ରମୂଖ ଉପସ୍ଥିତ ଥିଲେ।

## ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିରର ସାଧାରଣ ସଭା

ବଲାଙ୍ଗିର, ୭/୬ (ନି.ପ୍ର): ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଟାଉନ୍ ସରକାରୀ ବାଳିକା ବିଦ୍ୟାଳୟ ବଲାଙ୍ଗିର ଠାରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ବିଶ୍ୱେଶ୍ୱର ପଟେଲ, ଦୁଃଶାସନ ପଟେଲ, ରବିନ୍ଦ୍ର ସାହୁ, ଗିରିଶ କୁମାର ଦଣ୍ଡସେନା, ନିମାଇଁ ନନ୍ଦ ଠାକୁର, କ୍ଷେତ୍ର ମୋହନ ପାଣିଗ୍ରାହି, ସ୍ମିୟାକାନ୍ତ ସାଏ, କେଦାର ଦଳେଇ, ସୁଧାଂଶୁ ଶେଖର ପଟେଲ ମହୋଦୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ସେମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ଅଡିଟର ରାଧାକାନ୍ତ ମିଶ୍ରଙ୍କ ଦେହାନ୍ତ ଫଳରେ ଅଡିଟର ପଦବୀ ଖାଲି ପଡିଥିଲା । ଏହି ପଦବୀରେ କପିଳେଶ୍ୱର ଖମାରୀଙ୍କୁ ସର୍ବ ସମ୍ମତି କ୍ରମେ ମନୋନିତ କରାଗଲା । ଏହା ବ୍ୟତିତ ଆଜିକାର ସଭାରେ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତି ଗ୍ରହଣ କରାଯାଇଥିଲା । ସାଧାରଣ ସଭାରେ ମନୋରଞ୍ଜନ ମିଶ୍ର, ଡା. ରାଧାକାନ୍ତ ସେଠ, କୃଷ୍ଣଚନ୍ଦ୍ର ନାଥ, ଚୈତନ୍ୟ ପଟେଲ, ବୈକୁଣ୍ଠ ସ୍ୱାଇଁ, ହରେକୃଷ୍ଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଦୁର୍ଗା ପ୍ରସାଦ ହୋତା, ପ୍ରଦୀପ କୁମାର ସାହୁ ନିଜର ମତାମତ ପ୍ରଦାନ କରିଥିଲେ । ଉପସଭାପତି ପର୍ଶୁରାମ ନାୟକ ଏବଂ ପ୍ରସନ୍ନ କୁମାର ମିଶ୍ର, ଯୁଗ୍ମ ସଂପାଦକ ପୁରୁଷୋତମ ପଣ୍ଡା, କାର୍ଯ୍ୟକାରିଣୀ ସଭ୍ୟ କୃଷ୍ଣଚନ୍ଦ୍ର ମହାକୁର, ହରେକୃଷ୍ଣ ପଟେଲ, ଡା. ଦେବଦତ ମିଶ୍ର, ଡା. ଉମାକାନ୍ତ ପାତ୍ର, ଲୋକନାଥ ନେପାକ, ଡା. ଧିରେନ୍ଦ୍ର ସାହୁ, ବାଲେଶ୍ୱର ପଟେଲ, ଦୟାନିଧି ନାଏକ, ଜୀବନ କୁମାର ତ୍ରିପାଠୀ, ନିଳାମ୍ବର ଦାସ, ଦଶରଥ ବାଘ, ଜୟଚନ୍ଦ୍ର ପଟେଲ, ପ୍ରେମାନନ୍ଦ ପଟେଲ, ଛାୟାକାନ୍ତ ସାହୁ, ସୂର୍ଯ୍ୟମଣି ପୁରୋହିତ, ତିର୍ଥବାସୀ ଡାଙ୍ଗ, ଉପଦେଷ୍ଟା ନୀଳମଣି ମିଶ୍ର, ସୁରେନ୍ଦ୍ର ନେଗୀ ବିଜୟ କୁମାର ବାଗ ଏବଂ ଭକ୍ତବନ୍ଧୁ ନାଏକ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସଭ୍ୟ ମନୋରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି

ପୁରୀ, ୭/୬ (ନି.ପ୍ର): ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରି ଚନ୍ଦନ ଯାତ୍ରା ବେଳେ ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧିନ ଥିବା ଆଉ ଜଣକର ଆଜି ମୃତ୍ୟୁ ଘଟିଛି । ଫଳରେ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି । ଘଟଣାରେ ଗୁରୁତର ୧୨ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ପ୍ରକାଶ ଥାଉକି, ମଇ ୨୯ ତାରିଖ ରାତିରେ ଠାକୁରଙ୍କ ଭଉଁରି ଚନ୍ଦନ ଯାତ୍ରା ଚାଲିଥିବା ବେଳେ ଏହି ବାଣ ବିସ୍ଫୋରଣ ଘଟିଥିଲା । ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଟ୍ରେନକୁ ପଥର ଫିଙ୍ଗି ଦୁଇ ଗିରଫ

ଭୁବନେଶ୍ୱର, ୭/୬ (ନି.ପ୍ର): ଟ୍ରେନ କୁ ପଥର ଫିଙ୍ଗିବା ଅଭିଯୋଗରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦୁଇ ଜଣଙ୍କୁ ଗିରଫ କରିଛି । ଗତ ୬ ତାରିଖ ସନ୍ଧ୍ୟା ସମୟରେ ୧୨୫୫୨ କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସ କୁ ପଥର ଫିଙ୍ଗିବା ଅଭିଯୋଗରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ରେଳବାଇ ସୁରକ୍ଷା ବଳ ଦ୍ୱାରା ତ୍ୱରିତ ପଦକ୍ଷେପ ନିଆଯାଇ ଏହି ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହି ଦୁଇ ଜଣ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଲାବାଇ ଗ୍ରାମର ରମେଶ ମଝି, ବୟସ ୩୮ ବର୍ଷ ଓ ନକୂଳପଟାନା ଗ୍ରାମର ସଦାଶିବ ପ୍ରଧାନ, ବୟସ ୩୩ ବର୍ଷ । ରେଳ ଟ୍ରାକ ନିକଟରେ ସନ୍ଦେହ ଜନକ ଅବସ୍ଥାରେ ନିଶାଗ୍ରସ୍ତ ହୋଇ ଦୀର୍ଘସମୟ ଧରି ଏହି ଦୁଇଜଣ ବସିରହିଥିଲେ ଏବଂ ନିଶାଗ୍ରସ୍ତ ଅବସ୍ଥାରେ ଟ୍ରେନ ଯାତାୟାତ ସମୟରେ କୌଣସି ଟ୍ରେନ କୁ ପଥର ଫିଙ୍ଗିଛନ୍ତିବୋଲି ସ୍ୱୀକାର କରିଥିଲେ। ଯାତ୍ରୀ ଏବଂ ରେଲୱେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ପଥର ଫିଙ୍ଗିବା ଜନିତ ବିପଦ ଖବର ପାଇବା ପରେ ରେଳବାଇ ସୁରକ୍ଷା ବଳ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଆରମ୍ଭ କରାଯାଇଥିଲା । ଟ୍ରେନ୍ ର ଟିକେଟ୍ ପରୀକ୍ଷକ (ଟିଟିଇ) ସହିତ ଯାତ୍ରୀ ମାନଙ୍କ ସହିତ ସମନ୍ୱୟ ରଖି ରେଳବାଇ ସୁରକ୍ଷା ବଳ ଘଟଣାର ସଠିକ ସ୍ଥାନ ଅନୁସନ୍ଧାନ କରିବା ପରେ ସେହି ସ୍ଥାନକୁ ନିରୀକ୍ଷଣ କରିଥିଲା ଯାହାକି ପୂର୍ବତଟ ରେଳପଥର ହାଓଡ଼ା-ଚେନ୍ନାଇ ମୁଖ୍ୟ ମାର୍ଗର ଖୋର୍ଦ୍ଧା ରୋଡ଼-ବାଲୁଗାଁ ରେଳ ସେକ୍ସନର ଗୋଲାବାଇ ଓ ନିରାକାରପୁର ମଧ୍ୟରେ ଘଟିଥିଲା। ରେଳବାଇ ସୁରକ୍ଷା ବଳର ଏକ ଦଳ ଚିହ୍ନଟ ହୋଇଥିବା କ୍ଷେତ୍ରକୁ ଯାଇ ନିରୀକ୍ଷଣ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛନ୍ତି । ରେଲୱେ ସୁରକ୍ଷା ବଳ ଉକ୍ତ ଦୁଇଜଣଙ୍କ ନାମରେ ରେଳ ଅଧିନିୟମ ଧାରା ଅନୁଯାୟୀ କେସ ରୁଜୁ କରିଛନ୍ତି । ରେଳ ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ପ୍ରତି ରେଳବାଇ ସୁରକ୍ଷା ବଳ ନିରନ୍ତର ଭାବେ ସୁରକ୍ଷା ସୁନିଶ୍ଚିତ କରିବାର ପ୍ରତିବଦ୍ଧତାକୁ ଗ୍ରହଣ କରିଆସୁଛି । ଏହିପରି କାର୍ଯ୍ୟଗୁଡିକୁ କୌଣସି ପ୍ରକାରରେ ପ୍ରଶୟ ଦିଆନଯାଇ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।

## ପଦୋନ୍ନତି ଆଣିଛି ଅଧିକ ଦାୟିତ୍ୱ: ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ

କେନ୍ଦ୍ରାପଡ଼ା, ୭/୬ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ପୀତାମ୍ବର ସାମଲଙ୍କୁ ପଦୋନ୍ନତି ମିଳିଛି। ଓଡ଼ିଶା ଲୋକସେବା ଆୟୋଗର ସୁପାରିଶ କ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଚିଠି ନମ୍ବର ୧୬୨୯୧/ ଏସ୍‌ସିଏସ୍ ଯୋଗେ ମୋଟ୍ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ସେମାନେ ଓଏଏସ୍ ସୁପର ଟାଇମ୍ ସ୍କେଲ୍‌ରୁ ସୁପରିୟର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ପାଇଛନ୍ତି। ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥି ନିମନ୍ତେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ନିଜର ପ୍ରତିକ୍ରିୟା ରଖି ଶ୍ରୀ ସାମଲ କହିଛନ୍ତି "ପଦୋନ୍ନତି ତାଙ୍କ ପାଇଁ ଅଧିକ ଦାୟିତ୍ୱ ଆଣିଛି। ଏହାକୁ ସେ ପୂର୍ବଭଳି ନିଷ୍ଠା ଓ ପୂର୍ଣ୍ଣ ସମର୍ପଣଭାବ ସହ ସମ୍ପାଦନ କରିବେ ଓ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ।"

ସୂଚନାଯୋଗ୍ୟ, ୨୦୦୦ ବ୍ୟାଚ୍‌ର ଓଏସ୍ ଅଫିସର ଶ୍ରୀ ସାମଲ ଅନୁଗୁଳ ଜିଲ୍ଲାର ତାଳଚେରରେ ଅତିରିକ୍ତ ତହସିଲଦାର, କଣିହାଁ ଓ ପରଜଙ୍ଗରେ ତହସିଲଦାର, ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ କଙ୍କଡ଼ାହାଡ଼ ଏବଂ କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ୍‌ରେ ବିଡିଓ, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାରେ ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଭାବେ ଖୁବ୍ ଦକ୍ଷତାର ସହ କର୍ତବ୍ୟ ସମ୍ପାଦନ କରି ଲୋକପ୍ରିୟ ପ୍ରଶାସକ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି।

# ଚନ୍ଦନ ଲଗାଇ ଚିତା କାଟୁଥିଲା ପୂଜକ: ପୂଜା ବାହାନାରେ ଲୁଟୁଥିଲା ବାଇକ୍

ଭୁବନେଶ୍ୱର, ୭/୬ (ନି.ପ୍ର): ଚନ୍ଦନ ଲଗାଇ ଚିତା କାଟୁଥିଲା ପୂଜକ। ପୂଜା ବାହାନାରେ ଲୁଟୁଥିଲା ବାଇକ୍। ରାଜଧାନୀ ଭୁବନେଶ୍ୱରରୁ ଧରି ପଡ଼ିଛି ଏମିତିକା ହାଇପ୍ରୋଫାଇଲ୍ ଲୁଟେରା। କମିଶନରେଟ୍ ପୁଲିସ୍ ତା'ଠାରୁ ୨୪ଟି ହିରୋ କମ୍ପାନୀ ବାଇକ୍ ଜବତ କରିଛି। ରୋଡ୍ ସାଇଡ୍ ପୂଜକ ହେଉଛନ୍ତି କୃପାସିନ୍ଧୁ ମହାପାତ୍ର। ସେ ଜଣେ ବୟସ୍କ ବ୍ୟକ୍ତି। ରାତି ପାହିଲେ ସେ ରାଜଧାନୀରେ ଘୁରି ବୁଲନ୍ତି। ରାସ୍ତା ଯାଉଥିବା ଗାଡ଼ିକୁ ଅଟକାଇ ପୂଜାର୍ଚ୍ଚନା କରନ୍ତି। ପୂଜାର୍ଚ୍ଚନା ପରେ ଗାଡ଼ି ଚାଳକଙ୍କ ମୁଣ୍ଡରେ ଚନ୍ଦନର ଟିକା ଲଗାଇ ଦକ୍ଷିଣା ଆଦାୟ ବାହାନାରେ ଚିତା କାଟୁଥିଲା କୃପାସିନ୍ଧୁ ନନା। ବିଶେଷ କରି ସେ ବିଏମ୍‌ସି ମଲ୍, ଏମ୍ସ ହସ୍ପିଟାଲ୍, କ୍ୟାପିଟାଲ୍ ହସ୍ପିଟାଲ୍, କଳିଙ୍ଗ ହସ୍ପିଟାଲ୍, ଆପୋଲୋ ହସ୍ପିଟାଲ୍ ପାର୍କିଂ ଅଞ୍ଚଳରେ ପୂଜା ବାହାନାରେ ବୁଲୁଥିଲା। ଆଉ ସମୟ ସୁବିଧା ଦେଖି ଡୁପ୍ଲିକେଟ୍ ଚାବିରେ ବାଇକ୍ ତାଲା ଖୋଲି ନେଇ ଯାଉଥିଲା। ସେ କେବଳ ହିରୋ କମ୍ପାନୀର ବାଇକ୍ ଲୁଟୁଥିଲା। ଚୋରି କରିଥିବା ବାଇକ୍ ?କୁ ବିକ୍ରି କରୁନଥିଲା। ଅପରିଚିତ ଲୋକଙ୍କ ପାଖରେ ବନ୍ଧା ପକାଇ କିଛି ଟଙ୍କା ଆଣୁଥିଲା। ପରବର୍ତ୍ତୀ ସମୟରେ ସେହି ଟଙ୍କା ଫେରାଇ ନଥିଲା। କୃପାସିନ୍ଧୁ ମହାପାତ୍ର ଏମିତି ଢ଼ଙ୍ଗରେ ଲୁଟୁଥିଲା। ତାଙ୍କର ରୂପ ଓ ଢ଼ଙ୍ଗ ଦେଖିଲେ ତାଙ୍କୁ କେହି ଚୋର ବୋଲି ବିଶ୍ୱାସ କରିପାରୁନଥିଲେ। ତା'ପରେ ସେ ପୁଣି ଜଣେ ନନା ବା ପୂଜକ। ନିଜର ସାଦାସିଧା ବେଶ ଯୋଗୁ ସେ ସବୁବେଳେ ଖସି ଯାଉଥିଲା। ହେଲେ ସବୁବେଳେ ନନାଙ୍କ ବେଳା ଭଲ ନଥିଲା। ଗତ କିଛି ଦିନ ତଳେ ସେ କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂ ପ୍ଲେସ୍‌ରୁ ଗୋଟିଏ ବାଇକ୍ ଚୋରି କରିଥିଲା। ଯାହାର ଭିଡିଓ ସିସିଟିଭିରେ କଏଦ ହୋଇଥିଲା। ବାଇକ୍ ଚୋରି ନେଇ କମିଶନରେଟ୍ ପୁଲିସ୍‌ରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୁଲିସ୍ କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂ ପ୍ଲେସ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ସେହି ସମୟରେ କୃପାସିନ୍ଧୁ ମହାପାତ୍ରଙ୍କ ମୁଖା ଖୋଲିଥିଲା। ତା'ପରେ ପୁଲିସ୍ କୃପାସିନ୍ଧୁଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲା। ଆଉ ତା'ପରେ ଲୁଟ୍‌ର ପୂରା ରାଜ ଖୋଲିଥିଲା। ମାଡ଼ ଭୟରେ ଗଳ ଗଳ କରି ସବୁ ଓଗାଳି ପକାଇଥିଲା ନନା। ପୁଲିସ୍ କମିଶନର ସଞ୍ଜୀବ ପଣ୍ଡାଙ୍କ କହିବା ଅନୁସାରେ ନନାଙ୍କଠାରୁ ପୁଲିସ୍ ୨୪ଟି ବାଇକ୍ ଜବତ କରିଛି। ସବୁ ବାଇକ୍ ହିରୋ କମ୍ପାନୀର। ଚୋରି ବାଇକ୍ ଗୁଡ଼ିକୁ ସେ ବନ୍ଧା ପକାଇ ଟଙ୍କା ଆଣୁଥିଲା। ହେଲେ ପରବର୍ତ୍ତୀ ସମୟରେ ସେହି ଟଙ୍କା ଫେରାଉନଥିଲା କି ବାଇକ୍ ଆଣୁନଥିଲା। ଘଟଣାର ତଦନ୍ତ ଚାଲିଛି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି ବୋଲି ପୁଲିସ୍ କମିଶନର କହିଛନ୍ତି।

## ଆଜିଠାରୁ ଯୁକ୍ତ ଦୁଇ ନାମଲେଖା ଆବେଦନ

ଭୁବନେଶ୍ୱର, ୭/୬ (ନି.ପ୍ର): ଯୁକ୍ତ ଦୁଇରେ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଅନଲାଇନରେ ଆବେଦନ କରିପାରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଥିବା କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ପୋର୍ଟାଲରେ ଆବେଦନ କରିପାରିବେ। ଜୁଲାଇ ୬ତାରିଖ ଆବେଦନର ଶେଷ ତାରିଖ ରହିଛି। ମୋଟ ୨ହଜାର ୨୨୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ଆଡମିଶନ କରାଯିବ।

## ୧୨ରୁ ଶିମିଳିପାଳ ବନ୍ଦ

ଭୁବନେଶ୍ୱର, ୭/୬ (ନି.ପ୍ର): ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଶିମିଳିପାଳ ଟାଇଗର ରିଜର୍ଭ। ଆସନ୍ତା ୧୨ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଟାଇଗର ରିଜର୍ଭ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏନେଇ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ବର୍ଷା ଋତୁ ଆଗମନ ହେଉଥିବା କାରଣରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଟାଇଗର ରିଜର୍ଭକୁ ବନ୍ଦ ପାଇଁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ ଶିମିଳିପାଳ ଟାଇଗର ରିଜର୍ଭ ବନ୍ଦ ନେଇ ଘୋଷଣା କରାଯାଇଥିଲେ ହେଁ ଅଭୟାରଣ୍ୟ ମଧ୍ୟରେ ଥିବା ଜାମୁଆଣି, ଗୁରୁଗୁଡ଼ିଆ, କୁଁମାରୀ ଏବଂ ରାମତୀର୍ଥ ଇକୋ ଟୁରିଜିମ ଖୋଲା ରହିବ ବୋଲି ଅଭୟାରଣ୍ୟ କର୍ତ୍ତୃପକ୍ଷ ନୋଟିସ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି।

## ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର

ବାଲେଶ୍ୱର, ୭/୬ (ନି.ପ୍ର): ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର । ଆଜି ପୁଣି ଥରେ ବାଲେଶ୍ୱର ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଛି । ପ୍ରଚଣ୍ଡ ଶବ୍ଦରେ ଥରିଛି ବାଲେଶ୍ୱର, ଏପରିକି ଘରର ଆସବାବପତ୍ର ମଧ୍ୟ ଥରିଉଠିଥିଲା । ଗତ କାଲି ମଧ୍ୟ ଏଭଳି ଶବ୍ଦ ସମାନ ଭାବେ ଶୁଣା ଯାଇଥିଲା । ସୁପର ସନିକ ଜେଟ୍ ଇଂଜିନର ଶବ୍ଦ ବୋଲି ଅଂଶଙ୍କା କରାଯାଉଛି।

# ନାଳିଆ ନଦୀର ପୋଲମୁହଁ ଜବରଦଖଲକାରୀଙ୍କ କବ୍‌ଜାରେ

## ଉଚ୍ଛେଦ ଓ ଜଳ ନିଷ୍କାସନ ପଥ ସଫେଇ ନହେଲେ ଆନ୍ଦୋଳନ ଚେତାବନୀ



ଭଦ୍ରକ, ୭/୬ (ନି.ପ୍ର): ଭଦ୍ରକ ପଞ୍ଚାୟତ ସମିତି ଅଧୀନସ୍ଥ ହରିପୁର ପଞ୍ଚାୟତ ଭଟପୁର ଗ୍ରାମବାସୀମାନେ ଅର୍ଣ୍ଣପାଳ ହାଟ ପାଖ ନାଳିଆ ନଦୀର ମୁହଁକୁ ଜବରଦଖଲ ପୂର୍ବକ ପୋତି ଦୋକାନ ଘର କରାଯିବା ବିରୁଦ୍ଧରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ନିରାକାର ପାତ୍ର, ନବକିଶୋର ଦାସ, ଅର୍ଜୁନ ବେହେରା, ସନାତନ ବେହେରା, ଶ୍ୟାମସୁନ୍ଦର ବେହେରା, ବାଇଧର ଦାସ, ନରେନ୍ଦ୍ର ସାହୁ, କେ.ସି. ପାକଳ, ସୌମିତ୍ର ପାତ୍ର, ଗୌରବ ଜେନା, ନନ୍ଦକିଶୋର ବେହେରା, ନିରାକାର ସେଠୀ, ବିରଞ୍ଚି ସେଠୀ, ପ୍ରଭାତୀ ଜେନା ପ୍ରମୁଖ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ସେମାନେ ଅର୍ଣ୍ଣପାଳ ହାଟ ତଥା ଭଦ୍ରକ ସହରକୁ ପ୍ରତିଦିନ ନାଳିଆ ନଦୀ ଉପରେ ନିର୍ମାଣ ହୋଇଥିବା ପୋଲ ଦେଇ ଯାତାୟତ କରନ୍ତି। ମାତ୍ର ଅର୍ଣ୍ଣପାଳ ହାଟ ପାଖ ନାଳିଆ ନଦୀ ପୋଲର ପ୍ରଥମ ଫୁକାରକୁ ଉକ୍ତ ଗ୍ରାମର ନିରଞ୍ଜନ ବେହେରା ନାମକ ଜଣେ ବ୍ୟକ୍ତି ବେଆଇନ୍ ଭାବେ ପୋତି ଦୋକାନ ଗୃହ ନିର୍ମାଣ କରିଛନ୍ତି। ଏବେ ନାଳିଆ ନଦୀର କୂଳବନ୍ଧ କାମ ଜଣେ ଠିକାଦାର କରୁଛନ୍ତି। ସେ ଉକ୍ତ ଫୁକାରକୁ ସଫା ନକରି ବଙ୍କା ଭାବେ ଉକ୍ତ କୂଳବନ୍ଧ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ବନ୍ୟା ପ୍ରାଣୀ ଆସିଲେ ତାହା ନିଷ୍କାସିତ ନହୋଇ ସିଧାସଳଖ ସେମାନଙ୍କ ଗ୍ରାମକୁ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଛି। ଯାହାଦ୍ୱାରା ସେମାନଙ୍କର ଧନଜୀବନ ନଷ୍ଟ ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏବଂ ଉକ୍ତ ନଦୀର କୂଳବନ୍ଧ କାର୍ଯ୍ୟ କରୁଥିବା ଠିକାଦାର ଜବରଦଖଲ ଭାବେ ପୋତାଯାଇ ବେଆଇନ୍ ଦୋକାନ ଗୃହ ନିର୍ମାଣ ହୋଇଥିବା ପୋଲର ଫୁକାରରୁ ମାଟି କାଢି ପାଣି ଯିବାର ନିଷ୍କାସନ ପଥ କୂଳବନ୍ଧ ମାପ ଅନୁଯାୟୀ ନିର୍ମାଣ କରିବାକୁ ଦାବି କରିଛନ୍ତି। ନହେଲେ ସେମାନେ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବାଣ ଦୁର୍ଘଟଣା ସମ୍ପର୍କରେ ଏସଆରସିଙ୍କ ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ

ପୁରୀ, ୭/୬ (ନି.ପ୍ର): ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ହୋଇଥିବା ବାଣ ଦୁର୍ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ପ୍ରକ୍ରିୟା ଆଜି ଆରମ୍ଭ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ସତ୍ୟବ୍ରତ ସାହୁ ଆଜି ଦିନ ୧୧ଟା ୩୦ ମିନିଟ ସମୟରେ ପୁରୀ ସର୍କିଟ ହାଉସ ଠାରେ ପହଂଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ।ସର୍କିଟ ହାଉସ ଠାରେ ଅନୁଷ୍ଠିତ ଶୁଣାଣିରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦ ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଅପରାହ୍ନରେ ୩ ଜଣ ଏହିଭଳି ମୋଟ ୩୩ ଜଣ ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ମାନଙ୍କ ଠାରୁ ଘଟଣା ସମ୍ପର୍କରେ ଏସଆରସି ଜମାନବନ୍ଦୀ ନେଇଥିଲେ। ଆଜି ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଅଧିବେଶନରେ ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ସେମାନଙ୍କ ଜମାନବନ୍ଦୀ ଦେଇଥିଲେ। ଶ୍ରୀ ସାହୁ ମଧ୍ୟ ଅଧିକାରୀ ମାନଙ୍କୁ ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅପରପକ୍ଷରେ ଆହତ ମାନଙ୍କର ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ ଆହତ ମାନଙ୍କ ଘରକୁ ଯାଇ ଚିକିତ୍ସାଧିନଙ୍କ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ଏହି ଶୁଣାଣି ସମୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ପିନାକ ମିଶ୍ର, ଅତିରିକ୍ତ ଏସଆରସି ପଦ୍ମନାଭ ବେହେରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ ପଂଚାନନ ପରିଜା ଓ ଏସଆରସି କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସଂସ୍କୃତ ମଧ୍ୟମା ପରୀକ୍ଷାରେ ଗଙ୍ଗାମଣିଙ୍କ କୃତିତ୍ୱ



ଲଙ୍ଗଳେଶ୍ୱର , ୭/୬ (ନି.ପ୍ର): ବାଲିଆପାଳ ବ୍ଲକ ଦକ୍ଷିଣ ଜମ୍ବୀରାଇ ଗ୍ରାମର ଭୀମ ହେମ୍ବ୍ରମଙ୍କ କନ୍ୟା ଗଙ୍ଗାମଣି ଚଳିତ ବର୍ଷ ସଂସ୍କୃତ ମଧ୍ୟମା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଗଙ୍ଗାମଣି ବାଲିଆପାଳ ବ୍ଲକ କୁମ୍ଭାରୀ କୋକିଳ ମଣି ସଂସ୍କୃତ ବିଦ୍ୟା ପୀଠରେ ଚଳିତ ବର୍ଷ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା ଦେଇଥିଲେ। ପୂର୍ବରୁ ସେ ଦକ୍ଷିଣ ଜମ୍ବୀରାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କଲା ପରେ ଷଷ୍ଠ ଶ୍ରେଣୀ ବେଳକୁ କୁମ୍ଭାରୀ କୋକିଳ ମଣି ସଂସ୍କୃତ ବିଦ୍ୟା ପୀଠରେ ଭର୍ତ୍ତି ହୋଇଥିଲେ। ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ମୋଟ୍ ସାତ ଶହ ମାର୍କ ରୁ ୫୯୩ ମାର୍କ ରଖି ସେ କୃତ କାର୍ଯ୍ୟ ହୋଇ ଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କର ବାପା ଭୀମ ହେମ୍ବ୍ରମ, ମାଆ ସୀତାମଣି ହେମ୍ବ୍ରମ , ବିଦ୍ୟାପୀଠର ଗୁରୁଜୀ ଗୁରୁମା , ସ୍ଥାନୀୟ ସରପଞ୍ଚ ନିଲୁ ବାଳା ବେହେରା ପ୍ରମୁଖଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ପୁଲିସ ଅଧିକାରୀ ହେବାକୁ ସେ ଆଶା ରଖିଛନ୍ତି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର , ୭/୬ (ନି.ପ୍ର): ସଦର ବ୍ଲକ ଆଳୁମେଦା ପଞ୍ଚାୟତର ଆଳୁମେଦା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁ ଚରଣ ପ୍ରଧାନ ଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦାୟ କାଳିନ ସମ୍ବର୍ଦ୍ଧନା ଦିଆଯାଇଛି । ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ର ଭାର ପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ରେବତୀ ମଣୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଇଶ୍ୱର ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ । ବିଦାୟୀ ପ୍ରଧାନ ଶିକ୍ଷକ ଏହି ବିଦ୍ୟାଳୟର ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ସୁଚାରୁ ରୂପେ ତାଙ୍କ କାର୍ଯ୍ୟ କରି ଆସିଥିଲେ । ସେ ବିଦ୍ୟାଳୟ ର ଅଧ୍ୟୟନ ରତ ଛାତ୍ର ଛାତ୍ରୀ ମାନଙ୍କୁ ନିଜର ପୁଅ ଝିଅ ଏବଂ ସହକର୍ମୀଙ୍କୁ ନିଜର ପରିବାର ସଦସ୍ୟ ଭାବି କାର୍ଯ୍ୟ କରୁଥିଲେ ।ତେବେ ଆଜି ତାଙ୍କ ବିଦାୟ ବେଳରେ ସମସ୍ତ ନୂତନ ପୁରାତନ ଛାତ୍ର ଛାତ୍ରୀ ଏବଂ ପରିଚାଳନା କମିଟି ଗ୍ରାମବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଛନ୍ତି। ଆଜି ସଭା କାର୍ଯ୍ୟ ସରିବା ପରେ ସସମ୍ମାନେ ବାଜା ବଜାଇ ପ୍ରଶେଶନ କରି ବିଦ୍ୟାଳୟ ଠାରୁ ତାଙ୍କ ଘରୁ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ଶ୍ରୀକାନ୍ତ ପ୍ରଧାନ,ବ୍ରଜ ମୋହନ ପାଢ଼ୀ, ହୃଦାନନ୍ଦ ମହାନ୍ତି, ବିଦ୍ୟାଳୟ ର ପ୍ରତିଷ୍ଠାତା ଭାଗିରଥି ମଲ୍ଲିକ, ଭୀମ ଚରଣ ପଟାୟତ, ବିମଳ ରଣଜିତ ପ୍ରମୁଖ ଉପସ୍ଥିତ ଥିଲେ, ପ୍ରାଥମିକ ଫାଉଣ୍ଡେସନ ର ଜିଲ୍ଲା ସଦସ୍ୟ ଅରୁଣ କୁମାର ପାତ୍ର,ଅମର ପଣ୍ଡା,ପ୍ରମୋଦ ପାଢ଼ୀ, ସନ୍ତୋଷ ପ୍ରଧାନ, ଜଗନ୍ନାଥ ସ୍ୱାଇଁ, ସର୍ବେଶ୍ୱର ପାଣି,ସମ୍ଭୁନାଥ ସାହୁ, ଶ୍ୟାମସୁନ୍ଦର ପ୍ରଧାନ ମଞ୍ଚାସିନ ହୋଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପୁରାତନ ଛାତ୍ର ଯୁଧିଷ୍ଠିର ମଲ୍ଲିକ, ଦ୍ରୋଣାଚାର୍ଯ୍ୟ ପଟାୟତ,ଶୁକ୍ରାଚାର୍ଯ୍ୟ ପଟାୟତ, ଘନଶ୍ୟାମ ପରିଡ଼ା, ରାଜକିଶୋର ପଟାୟତ, ଜଗନ୍ନାଥ ଜେନା,ବିଜୟ ମଲ୍ଲିକ, ଅର୍ଚ୍ଚନା ପଟାୟତ, କମଳାକାନ୍ତ ମଲ୍ଲିକ,ରୂପ ମଞ୍ଜରି ପାଢ଼ୀ, ଉତ୍ତର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ ।

# ଉଦଳାରେ ଜୋରଦାର ଚର୍ଚ୍ଚା: ଭାସ୍କର ମଢ଼େଇଙ୍କୁ ମିଳିବ ମନ୍ତ୍ରୀପଦ




ଉଦଳା , ୭/୬ (ନି.ପ୍ର): ରାଜ୍ୟରେ ଗଠନ ହେବାକୁ ଯାଉଥିବା ଭାରତୀୟ ଜନତା ପାର୍ଟିର ନୂଆ ମନ୍ତ୍ରୀ ମଣ୍ଡଳରେ ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କୁ ଏଥର ନିଶ୍ଚିତ ରୂପେ ଦେଖିବାକୁ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଚାରିଥର ବିଧାୟକ ପଦ ସେ ଦଖଲ କରିଥିବାରୁ ମନ୍ତ୍ରୀପଦ ପାଇବା ପାଇଁ ସେ ହକ୍‌ଦାର ବୋଲି କେତେକ ମତ ଦେଇଛନ୍ତି । ପୁଣି ସେପଟେ ମୟୂରଭଞ୍ଜରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଗିରିଶ ମୁର୍ମୁଙ୍କ ନାମଟି ଚର୍ଚ୍ଚାକୁ ଆସୁଛି। ଯଦି ତାହା ଚୂଡ଼ାନ୍ତରୂପ ନିଏ ତେବେ ମୟୂରଭଂଜରୁ ଆଉ କୌଣସି ବିଧାୟକଙ୍କୁ ମନ୍ତ୍ରୀପଦ ମିଳିବ ନାହିଁ ବୋଲି ଶୁଣିବାକୁ ମିଳୁଛି। ଅତିତରେ ଉଦଳା ଆସନରୁ ରାବଣ ମଢ଼େଇ ୪ଥର ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । କିନ୍ତୁ ସେ ଥରଟିଏ ବି ମନ୍ତ୍ରୀପଦ ପାଇନଥିଲେ ।

# ଭଦ୍ରକ ନବଜୀବନ କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ



ଭଦ୍ରକ, ୭/୬ (ନି.ପ୍ର): ହିନ୍ଦୁ ପରମ୍ପରା ଅନୁସାରେ ଆଜି ପବିତ୍ର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଗାଁ ଠାରୁ ଆରମ୍ଭ କରି ସହରର ସମସ୍ତ ମହିଳାମାନେ ଏହି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏବଂ କିନ୍ନରମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାଁନ୍ତି। ସେମାନେ ମଧ୍ୟ ଏହି ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଆଜି ଭଦ୍ରକ ଚରମ୍ପା ପଥରଆଡିସ୍ଥିତ ନବଜୀବନ କିନ୍ନର ସଂଘ ପକ୍ଷରୁ ଏହି ବ୍ରତ ପାଳନ କରୁଥିବାର ଦେଖାଯାଇଛି । କିନ୍ନରମାନଙ୍କ ଗୁରୁ ସେମାନଙ୍କର ବାପା, ମା', ଭାଇ, ସ୍ୱାମୀ ସବୁକିଛି ହୋଇଥିବାରୁ ସେମାନେ ତାଙ୍କ ଗୁରୁଙ୍କ ପାଇଁ ଏହି ବ୍ରତ ପାଳିଥାନ୍ତି। ବ୍ରତଧାରୀ କିନ୍ନରମାନେ ଆଜି ନିର୍ଜଳା ଉପବାସ ରହି ନିଜର ଶଙ୍ଖା, ସିନ୍ଦୁର, ଶାଢୀ ଓ ଫଳମୂଳକୁ ମନ୍ଦିରରେ ପୂଜାର୍ଚ୍ଚନା କରି ତାଙ୍କ ଗୁରୁଙ୍କର ଦୀର୍ଘାୟୁ କାମନା କରିଥିଲେ। ପରେ କିନ୍ନରମାନେ ତାଙ୍କ ଗୁରୁଙ୍କ ଠାରୁ ଜଳ ପାନ କଲାପରେ ସେମାନେ ଏହି ବ୍ରତ ଭାଙ୍ଗିଥିଲେ। ନବଜୀବନ କିନ୍ନର ସଂଘ ପକ୍ଷରୁ ସଭାପତି ଶ୍ରାବଣୀଙ୍କ ନେତୃତ୍ୱରେ ସଂପାଦିକା ଶ୍ରୀୟା, ପୂଜା, ରଶ୍ମି, ଶୁଭ, ନେନା, ରେଶ୍ମା, ସତଝିଅ, ସ୍ୱପ୍ନା, ମନୁ ପ୍ରମୁଖ ଏହି ବ୍ରତ ପାଳନ କରିଥିବାବେଳେ ଏଥିରେ ଅନ୍ୟ କିନ୍ନରମାନେ ସହଯୋଗ କରିଥିଲେ।

# ଇଫକୋ ପରିସରରେ ୫୧ ତମ ବିଶ୍ୱ ପରିବେଶ ଦିବସ ପାଳିତ




ପାରାଦୀପ, ୭/୬ (ନି.ପ୍ର): ପାରାଦୀପଠାରେ ଥିବା ବୃହତ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ୫୧ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦୁଖୁ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଜେଜିଏମ କେ.ମୋହନ ରାଓ, ଜଏ ଜେଜିଏମ୍ ଆର.କେ.ସ୍ୱାଇଁଙ୍କ ସମେତ ଇଫକୋ ଅଧିକାରୀ ସଂଘର କର୍ମକର୍ତ୍ତା, ଇଫକୋ କର୍ମଚାରୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଇଫକୋ ମାନବ ସମ୍ବଳ ଅଧିକାରୀ ବିଜୟ କୁମାର ପରିଡା, ଦେବବ୍ରତ ପଟ୍ଟନାୟକ, ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍ଶ୍ୱାଞ୍ଚଳର ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ବୃହତର ଅଧ୍ୟୟନର ସ୍ୱପ୍ନକୁ ବାସ୍ତବ ରୂପ ଦେଉଛି ସେଲ ରାଉରକେଲା ଇସ୍ପାତ କାରଖାନାର ସିଏସଆର ପ୍ରୟାସ

ରାଉରକେଲା, ୭/୬ (ନି.ପ୍ର): କୁଆରମୁଣ୍ଡା ବ୍ଲକର ଡାଲକି ପଞ୍ଚାୟତର ରଙ୍ଗାବିରା ଗାଁର ବୀର ସୁରେନ୍ଦ୍ର ସାଇ ୟୁନିଭରସିଟି ଅଫ୍ ଟେକ୍ନୋଲୋଜିରେ ଦ୍ୱିତୀୟ ବର୍ଷ ଅଧ୍ୟୟନରତ ଛାତ୍ର ମନୀଷ ମିଞ୍ଜ କୁହନ୍ତି, "ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏହାର ସିଏସଆର ପ୍ରୟାସ ଅନ୍ତର୍ଗତ ପ୍ରଦତ୍ତ ଆର୍ଥିକ ସହାୟତା ମୋତେ ମୋର ବିଭିନ୍ନ ଶିକ୍ଷାଗତ ଖର୍ଚ୍ଚ ତୁଲାଇବାରେ ସାହାଯ୍ୟ କରିବ ଯେଉଁଥିପାଇଁ ମୋତେ ମୋର ମାତାପିତାଙ୍କୁ ଭାର ଦେବାକୁ ପଡ଼ିବ ନାହିଁ।" ଚାଷବାସରୁ ସ୍ୱଳ୍ପ ଆୟରୁ ପୁଅକୁ ପାଠ ପଢାଇବା ପାଇଁ କୃଷକ ପିତାମାତା ଶ୍ରୀ ବିରଜ ମିଞ୍ଜ ଏବଂ ଶ୍ରୀମତୀ ମୋଲୋ ମିଞ୍ଜ ଯଥାସାଧ୍ୟ ପରିଶ୍ରମ କରିଆସିଛନ୍ତି। ମନୀଷ ଜଗଦା ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ପାଠ୍ୟକ୍ରମ ଶେଷ କରିଥିଲେ। ମାମୁଁଙ୍କ ନିକଟରେ ରହି ସ୍କୁଲରେ ପଢୁଥିବା ସମୟରେ ତାଙ୍କୁ ଜଣେ ଇଞ୍ଜିନିୟର ହେବାକୁ ସେ ପ୍ରେରଣା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମନୀଷ ଆରଏସପିରୁ ବାର୍ଷିକ ୩୦ ହଜାର ଟଙ୍କା ଏହିଭଳି ତାଙ୍କ ୪ ବର୍ଷର ପାଠ୍ୟକ୍ରମ ପାଇଁ ସମୁଦାୟ ୧୨୦୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ଲାଭ କରୁଛନ୍ତି। ବୃତ୍ତିଗତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କ ପାଇଁ ଆରଏସପିର ଆର୍ଥିକ ସହାୟତା ଲାଭ କରିଥିବା ଆକାଶ ଓରାମଙ୍କ କାହାଣୀ ମଧ୍ୟ ଅନୁରୂପ ଅଟେ । ନୂଆଗାଁ ବ୍ଲକର ବାଗଡେଗା ଗାଁର ଶ୍ରୀ ବୈଦ୍ୟନାଥ ଓରାମଙ୍କ ଏକମାତ୍ର ପୁତ୍ର ଆକାଶ ବର୍ତ୍ତମାନ ଭୁବନେଶ୍ୱରର ଇନଫୋଟେକ୍ କଲେଜ ଅଫ୍ ଇଞ୍ଜିନିୟରିଂରେ ପଢୁଛନ୍ତି। ଆକାଶ କୁହନ୍ତି, 'ମୋର ସ୍ୱପ୍ନକୁ ସାକାର କରିବାରେ ଆରଏସପି ମୋତେ ସାହାଯ୍ୟ କରିଛି ଏବଂ ଏହାର ପ୍ରତିବଦଳରେ ମୁଁ ସେଲରେ ଯୋଗଦେଇ ମୋର ଶ୍ରେଷ୍ଠ ଅବଦାନ ଦେବାକୁ ଚାହୁଁଛି।" ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଆରଏସପି ସୁନ୍ଦରଗଡ ଜିଲ୍ଲାର ତଥା ଆଦର୍ଶ ଇସ୍ପାତ ଗ୍ରାମ ଓ ପୁନର୍ବସତି କଲୋନୀର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଅର୍ଥନୈତିକ ପଛୁଆ ଶ୍ରେଣୀର ବୃତ୍ତିଗତ ପାଠ୍ୟକ୍ରମ ଛାତ୍ରଛାତ୍ରୀ ଚୟନ କରେ ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହି ଯୋଜନା ଅଧିନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୨୦ ଜଣ ବିଦ୍ୟାର୍ଥୀ (୧୦ ଜଣ ଛାତ୍ର ଓ ୧୦ ଜଣ ଛାତ୍ରୀ) ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ ଜଣ ବିଦ୍ୟାର୍ଥୀ (୫ ଜଣ ଛାତ୍ର ଓ ୫ଜଣ ଛାତ୍ରୀ) ଙ୍କୁ ଏହି ବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଉଛି। ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଅର୍ଥାତ ୨ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଇଞ୍ଜିନିୟରିଂ ଭଳି ବି ଟେକ, ବିଇ / ବିଏସସି –କୃଷି ଏବଂ ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା, ୫ ବର୍ଷୀୟ ଏମବିବିଏସ ଡାକ୍ତରୀ ଡିଗ୍ରୀ କିମ୍ବା ଇଣ୍ଟିଗ୍ରେଟେଡ଼ ଇଞ୍ଜିନିୟରିଂ ନିମନ୍ତେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଆରଏସପି ୩୧ ଜଣ ଛାତ୍ରଛାତ୍ରୀଙ୍କୁ ୨୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛି। ଚୟନୀତ ଛାତ୍ରଛାତ୍ରୀଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଏହି ବୃତ୍ତିରାଶି ସେମାନଙ୍କର ଅଧ୍ୟୟନରେ ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରିରଖିଥିବା ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥାଏ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo